## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୬୫,୫୩,୯୯୩ | ୩୮,୧୩,୩୯୭ | ୧୬,୦୫,୫୯,୬୪୪ |
| ଭାରତ | ୨,୯୪,୮୫,୩୭୪ | ୩,୭୧,୬୭୧ | ୨,୮୧,୦୫,୩୬୯ |
| ଓଡ଼ିଶା | ୮,୫୧,୭୮୨ | ୩୩୦୨(+୫୩) | ୭,୯୬,୭୯୯ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଉନ୍ନତ ବିହନର ନିରନ୍ତର ଯୋଗାଣକୁ ଗୁରୁତ୍ୱ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ଚଳିତ ଖରିଫ୍ ଋତୁରେ ଚାଷୀଙ୍କୁ ଚାହିଦା ମୁତାବକ ଉନ୍ନତମାନର ବିହନ ଠିକ୍ ସମୟରେ ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇଦେବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ବିହନ ଯୋଗାଣ ସମ୍ପର୍କରେ ଭର୍ଚ୍ଚୁଆଲ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ମନ୍ତ୍ରୀ ବିହନ ନିଗମ ଦ୍ୱାରା ପ୍ରସ୍ତୁତ ପ୍ରାମାଣିକ ଧାନ ବିହନ ଚାଷୀଙ୍କୁ ଯେପରି ନିରନ୍ତର ଯୋଗାଣ ହୋଇପାରିବ ସେଥିନିମନ୍ତେ



**ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ**

ସମସ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଏକ ମାସ ଖରିଫ ଚାଷ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ସମୟ ମଧ୍ୟରେ ଚାଷୀଙ୍କ ନିକଟରେ ଉନ୍ନତ ମାନର ଆବଶ୍ୟକ ବିହନ ପହଞ୍ଚିବା ପାଇଁ କ୍ଷେତ୍ର ସ୍ତରରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ କହିଛନ୍ତି। ବିହନ ଯୋଗାଣ ଦିଗରେ ଅସାଧୁ ବ୍ୟବସାୟୀଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବା ଓ କୌଣସି ଅଭିଯୋଗ ଆସିଲେ ତୁରନ୍ତ ସମାଧାନ କରିବା ପାଇଁ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୧୦ ବର୍ଷରୁ ଅଧିକ ପୁରୁଣା ପୂଜା ଏବଂ ସ୍ୱର୍ଣ୍ଣ ପ୍ରଜାତିର ଧାନରେ ରୋଗପୋକ ଆକ୍ରମଣର ଅଧିକ ସମ୍ଭାବନା ଥିବାରୁ ଏହାର ବ୍ୟବହାରକୁ କମ୍ କରିବା ଉଚିତ। ଉନ୍ନତ ମାନର ଓ ଅଧିକ ଉତ୍ପାଦନକ୍ଷମ ନୂତନ କିସମର ବିହନ ବ୍ୟବହାର ନିମନ୍ତେ ଚାଷୀଙ୍କୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ସଚେତନ କରିବା ପାଇଁ ମନ୍ତ୍ରୀ କହିଛନ୍ତି।

ବିଭାଗର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଲେ, ଚଳିତ ଖରିଫ୍‌ରେ ଚାଷୀଙ୍କୁ ପର୍ଯ୍ୟାପ୍ତ ବିହନ ଯୋଗାଣ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ଖରିଫରେ ୫ ଲକ୍ଷ କୁଇଣ୍ଟାଲ ଧାନ ବିହନ ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଥିବା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ କହିଛନ୍ତି। ବିହନ ନିଗମଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୃଷି ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର, ସମବାୟ ସମିତି ସମୂହର ନିବନ୍ଧକ ସୁଶାନ୍ତ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ।

## ଟିକା ନେବା ପରେ ଦେହରେ ଚୁମ୍ବକୀୟ ଶକ୍ତି



ପୁରୁଣା ଭୁବନେଶ୍ୱର,୧୩।୬(ଡି.ଏନ୍.ଏ.): କରୋନା ଟିକା ନେବା ପରେ ଦେହରେ ଚୁମ୍ବକୀୟ ଶକ୍ତି ସୃଷ୍ଟି ହେଉଛି। ଫଳରେ ଶରୀରରେ ଲାଗି ରହୁଛି ଲୁହା ତିଆରି ସାମଗ୍ରୀ। ପୁରୁଣା ଭୁବନେଶ୍ୱର ଅଞ୍ଚଳର ଆୟୁଷ ମହାପାତ୍ରଙ୍କଠାରେ ଏଭଳି ଦେଖିବାକୁ ମଳିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ମୁତାବକ, ଆୟୁଷ ଗତ ମେ' ୧୨ରେ କୋଭାକ୍ସିନର ପ୍ରଥମ ଡୋଜ ଟିକା ନେଇଥିଲେ। ଜୁନ ୧୧ରେ ଏହାର ଦ୍ୱିତୀୟ ଡୋଜ୍ ନେଇଥିଲେ। ତେବେ ଦ୍ୱିତୀୟ ଡୋଜର ଦୁଇଦିନ ପରେ ଅର୍ଥାତ୍ ରବିବାର ତାଙ୍କ ଶରୀରରେ ଚାମଚ, କଣ୍ଟା, ଲୁହା ସାମଗ୍ରୀ ଲାଖି ରହିଥିଲା। ଏହାକୁ ଦେଖିବା ପାଇଁ ଲୋକଙ୍କ ଗହଳି ଜମିଥିଲା। ତାଙ୍କଠାରେ ଜ୍ୱର କିମ୍ବା ଥଣ୍ଡା ନ ଥିବା ଆୟୁଷ କହିଛନ୍ତି। ଏନେଇ ବିଏମ୍‌ସି ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. ଜିତେନ୍ଦ୍ର ବେବର୍ତ୍ତା କହିଛନ୍ତି, ଟିକା ସହ ଏହାର କୌଣସି ସାମଞ୍ଜସ୍ୟ ନାହିଁ। ଏହା ଶରୀରର ଅନ୍ୟ କୌଣସି ହରମୋନ ନେଇ ହୋଇପାରେ। ଏନେଇ ଭୟଭୀତ ହୁଅନ୍ତୁ ନାହିଁ ବୋଲି ସେ କହିଛନ୍ତି।

# ବିଦେଶ ଯିବାକୁ ଥିବା ୮୩ ଶିକ୍ଷାର୍ଥୀଙ୍କ ତାଲିକା କଲା ବିଏମ୍‌ସି

ଭୁବନେଶ୍ୱର,୧୩।୬ (ବ୍ୟୁରୋ)

ବିଦେଶକୁ ଯାଇ ଶିକ୍ଷା ଲାଭ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ଟିକାକରଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ରବିବାର ତାଲିକାଭୁକ୍ତ ୮୩ଜଣଙ୍କ ମଧ୍ୟରୁ ୧୯ଜଣ ଛାତ୍ରୀଛାତ୍ର କୋଭିଶିଲ୍ଡ ଟିକା ନେଇଛନ୍ତି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଅନ୍ୟମାନେ ଏହି ଟିକା ନେବେ। ପ୍ରାଣନାଥ ସ୍ୱୟଂଚାଳିତ ମହାବିଦ୍ୟାଳୟ, ଖୋର୍ଦ୍ଧା ଏବଂ ସିଏମ୍‌ସି କଲ୍ୟାଣ ମଣ୍ଡପ, ଗୋପାଳପୁର, କଟକରେ ଏହି ଟିକାକରଣର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରେ

**ପ୍ରଥମ ଦିନ ଟିକା ନେଲେ ୧୯**

କୋଭାକ୍ସିନ୍ ଦିଆଯାଉଥିବାବେଳେ ଉଚ୍ଚ ଶିକ୍ଷା ନିମନ୍ତେ ବିଦେଶକୁ ଯାଉଥିବା ଶିକ୍ଷାର୍ଥୀମାନଙ୍କୁ କୋଭିଶିଲ୍ଡ ଦେବାର ବ୍ୟବସ୍ଥା କରାଯାଇଛି। ଏହି ସଂକ୍ରାନ୍ତରେ ବିଦେଶରେ ବିଦ୍ୟାଧ୍ୟୟନ କରିବାକୁ ଯାଉଥିବା ଶିକ୍ଷାର୍ଥୀମାନେ ୧୯୨୯କୁ କଲ୍ କରିବା ପରେ ସେମାନଙ୍କୁ ନିଜର ସମସ୍ତ ଆବଶ୍ୟକ ପ୍ରମାଣପତ୍ର ଆଣିବାକୁ କୁହାଯାଇଥିଲା। ପରେ ଶିକ୍ଷାର୍ଥୀଙ୍କର ଭୁବନେଶ୍ୱର ଅପରେଶନ୍ ସେଣ୍ଟରରେ ଏକ ସ୍ୱତନ୍ତ୍ର ଡେସ୍କରେ ତାଲିକା ଏବଂ ନଥିପତ୍ର ଯାଞ୍ଚ ଇତ୍ୟାଦି କରାଯାଇଥିଲା।

# ଦିଲ୍ଲୀରେ ଓଡ଼ିଆ ବିଲ୍ଡରଙ୍କ ନାଁରେ ଠକେଇ ଅଭିଯୋଗ

**କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍, ଦିଲ୍ଲୀ ହଜ୍ ଖସ୍ ଥାନାରେ ଅଭିଯୋଗ**

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଦିଲ୍ଲୀରେ ବହୁ କୋଟି ଟଙ୍କାର ଠକେଇ କରିଥିବା ଜଣେ ଓଡ଼ିଆ ବିଲ୍ଡରଙ୍କ ନାଁରେ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି। ଏନେଇ ଭୁବନେଶ୍ୱରସ୍ଥିତ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ ଦିଲ୍ଲୀ ହଜ୍ ଖସ୍ ଥାନାରେ ଅଭିଯୋଗ ପରେ ଖୋଳତାଡ଼ ଆରମ୍ଭ ହୋଇଛି। ସମ୍ପୃକ୍ତ ବିଲ୍ଡରଙ୍କ ଘର ଜଗତ୍‌ସିଂହପୁର ହୋଇଥିବାବେଳେ ଓଡ଼ିଶାର ୮ଜଣ ଠିକାଦାରଙ୍କଠାରୁ ପ୍ରାୟ ୬୬ଲକ୍ଷ ୫୦ହଜାର ଟଙ୍କା ଠକି ନେଇଛନ୍ତି। ଏଥିସହ ଦିଲ୍ଲୀର ବହୁ ଠିକାଦାର ଓ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରି ଥିବା ଅଭିଯୋଗରୁ ଜଣାପଡ଼ିଛି। ସମ୍ପୃକ୍ତ ବିଲ୍ଡର ଫେରାର ଥିବାରୁ ତାଙ୍କୁ ଧରିବାକୁ ଠକେଇର ଶିକାର ବ୍ୟକ୍ତିମାନେ ଓଡ଼ିଶା ଆସି ଡେରା ପକାଇବା ପରେ ଘଟଣା ପଦାକୁ ଆସିଛି।

ସୂଚନା ମୁତାବକ, ଯାଜପୁରର ହରିହର ସାମଲ, ପ୍ରଭାତ ସାମଲ, ପ୍ରକାଶ ସାମଲ, କରୁଣାକର ସାହୁ, କେନ୍ଦ୍ରାପଡାର ବିଜୟାନନ୍ଦ ସାମଲ, ଗୋରାଚାନ୍ଦ ସାମଲ, ରମେଶ ଚନ୍ଦ୍ର ରାଉତ ଓ ବାଲେଶ୍ୱରର ପ୍ରଫୁଲ୍ଲ ଜେନ ଦିଲ୍ଲୀରେ ସିଭିଲ, ପ୍ଲମ୍ବିଂ ଓ ପେଣ୍ଟର ଠିକାଦାର କାମ କରୁଥିଲେ। ୩ ବର୍ଷ ତଳେ ବିଲ୍ଡର ଜଣକ ସେମାନଙ୍କୁ ତାଙ୍କ କମ୍ପାନୀରେ ଅଂଶୀଦାର ରହିବାକୁ ପ୍ରଲୋଭିତ କରି ୬୬.୫୦ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। କମ୍ପାନୀରେ କାର୍ଯ୍ୟରତ ଶ୍ରମିକ ଟଙ୍କା ନ ପାଇ ଠିକାଦାରଙ୍କୁ ମାଡ଼ ମାରିଥିଲେ। ଫଳରେ ମେ ୩୦ରେ ସେମାନେ ଭୁବନେଶ୍ୱର ଆସି ଏସ୍‌ଟିଏଫ୍ ଓ ଜୁନ୍ ୩ରେ ଦିଲ୍ଲୀ ହଜ ଖସ୍ ଥାନାରେ ଅଭିଯୋଗ କରିଛନ୍ତି। ଏସ୍‌ଟିଏଫ ଏସ୍‌ପି ପି.କେ. ଭୋଇ କୁହନ୍ତି, ଠକେଇର ଶିକାର ଲୋକଙ୍କୁ ଦିଲ୍ଲୀରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଉକ୍ତ ଥାନା ତରଫରୁ ଆମକୁ ଯୋଗାଯୋଗ କରାଗଲେ ତଦନ୍ତରେ ସହଯୋଗ କରିବୁ। ହଜ୍ ଖସ୍ ଥାନା ଅଧିକାରୀ ଅକ୍ଷୟ କୁମାର କହିଛନ୍ତି, ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ ପରେ ଖୁବ୍‌ଶୀଘ୍ର ମାମଲା ରୁଜୁ ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ନନ୍ଦନକାନନରେ କନୁର ପକ୍ଷୀ ମୃତ

ବାରଙ୍ଗ,୧୩।୬(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ପାଦଚଲା ବିହଙ୍ଗ ସାରଣୀରେ ରହୁଥିବା ହଳଦୀ ରଙ୍ଗର ଶୁଆ ଜାତୀୟ କନୁର ପକ୍ଷୀ ଶନିବାର ରାତିରେ ମୃତ୍ୟୁ ହୋଇଛି। ମୃତ ପକ୍ଷୀର ଲିଙ୍ଗ ଚିହ୍ନଟ ହୋଇ ନାହିଁ। ମୃତ୍ୟୁର କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ତା'ର ଶବ ବ୍ୟବଚ୍ଛେଦ କରିଛନ୍ତି। ରିପୋର୍ଟ ଆସିଲେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଡାକ୍ତର କହିଛନ୍ତି। ତେବେ ମୃତ ପକ୍ଷୀଟି କିଛିଦିନ ହେବ ଅସୁସ୍ଥ ଥିଲା। ଏପରିକି କିଛି ଖାଦ୍ୟ ଖାଉ ନ ଥିଲା, ଗୋଟିଏ ସ୍ଥାନରେ ପଡିରହୁଥିଲା ବୋଲି ନନ୍ଦନକାନନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2021-T-117, ତା.09.06.2021ରିଖ
କାର୍ଯ୍ୟର ନାମ : 730 ଦିନ (2021-23) ନିମନ୍ତେ ସମ୍ବଲପୁର ମଣ୍ଡଳରେ ରେଢ଼ାଖୋଲ (RAIR) ଠାରେ ଲିଫ୍ଟ ର ପରିଚାଳନା ଏବଂ ବିଭିନ୍ନ ଷ୍ଟେସନଗୁଡ଼ିକରେ ବିଭିନ୍ନ କ୍ଷମତା ବିଶିଷ୍ଟ ପମ୍ପ ସେଟ୍‌ଗୁଡ଼ିକର ପରିଚାଳନା।
ଆନୁମାନିକ ମୂଲ୍ୟ (ଟଙ୍କାରେ): 1,45,75,530.40,
ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-,
ଶେଷ ହେବା ଅବଧି: 24 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.07.2021ରିଖ 1530 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ), ସମ୍ବଲପୁର
PR-153/M/21-22



# ରକ୍ତ ସଂଗ୍ରହରେ କରୋନା ବାଧକ

ଭୁବନେଶ୍ୱର,୧୩।୬(ବ୍ୟୁରୋ)

କରୋନା ମହାମାରୀ ରାଜ୍ୟରେ ସଂକଟଜନକ ପରିସ୍ଥିତି ସୃଷ୍ଟି କରିଛି। ଲକ୍‌ଡାଉନ୍ ଓ ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରି ରହିଥିବାବେଳେ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ ଆଦି ବିଭିନ୍ନ କ୍ଷେତ୍ର ପ୍ରଭାବିତ ହୋଇଛି। ତେବେ ଏଥିଯୋଗୁ ରକ୍ତ ସଂଗ୍ରହ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ରାଜ୍ୟରେ ଥିବା ବିଭିନ୍ନ ବ୍ଲଡ୍ ବ୍ୟାଙ୍କରେ ରକ୍ତ ଦାନ ଓ ସଂଗ୍ରହ ପୂରା କମିଯାଇଛି। ଫଳରେ ସାଧାରଣ ଚିକିତ୍ସା କ୍ଷେତ୍ର ବଡ଼ ସଙ୍କଟ ମଧ୍ୟଦେଇ ଗତି କରୁଛି।

କଟକରେ ସେଣ୍ଟ୍ରାଲ୍ ରେଡ୍ କ୍ରସ୍ ବ୍ଲଡ୍ ବ୍ୟାଙ୍କ ରହିଛି। ଓଡ଼ିଶାର ଏହି ଅନ୍ୟତମ ବୃହତ୍ତମ ବ୍ଲଡ୍ ବ୍ୟାଙ୍କ କରୋନା ପୂର୍ବରୁ ପ୍ରତିଦିନ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରୁଥିଲା। ଏବେ ଦିନକୁ ୫୦ ୟୁନିଟ୍ ରକ୍ତ ପାଇବା କଷ୍ଟକର ହୋଇପଡୁଛି। ଏନେଇ ବ୍ଲଡ୍ ବ୍ୟାଙ୍କର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ଦାସ କହିଛନ୍ତି, କରୋନା ହେତୁ ରକ୍ତ ସଂଗ୍ରହ ହ୍ରାସ ପାଇଛି। ତଥାପି ଆମେ ନିୟମିତ ରକ୍ତ ସଂଗ୍ରହ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ କରିଛୁ। ସେହିପରି କ୍ୟାପିଟାଲ ହସ୍ପିଟାଲ



ବ୍ଲଡ ବ୍ୟାଙ୍କର ରକ୍ତ ସଂଗ୍ରହ ବ୍ୟବସ୍ଥା ମଧ୍ୟ ମହାମାରୀ କାରଣରୁ ବାଧାପ୍ରାପ୍ତ ହୋଇଛି। ଏହି ବ୍ଲଡ୍ ବ୍ୟାଙ୍କର ଇନ୍‌ଚାର୍ଜ ଡା. ଦେବାଶିଷ ମିଶ୍ର କହିଛନ୍ତି, ଛାତ୍ରୀଛାତ୍ରମାନେ ଅଧିକାଂଶ ରକ୍ତ ଦାନ କରନ୍ତି। ଶିକ୍ଷାନୁଷ୍ଠାନ ରକ୍ତଦାନର ମୂଳ ଉତ୍ସ ହୋଇଥିବାରୁ ସେଗୁଡ଼ିକ ବନ୍ଦ ଥିବା କାରଣରୁ ରକ୍ତ ସଂଗ୍ରହ ହ୍ରାସ ପାଇଛି। ତେବେ ରକ୍ତ ସଂଗ୍ରହ ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ଜାରି ରଖିବାକୁ ସ୍ଥାନୀୟ କ୍ଲବ୍ ଓ ସ୍ୱେଚ୍ଛାସେବୀ ଦାତାଙ୍କ ଉପରେ ଗୁରୁତ୍ୱ ଦିଆଯାଉଛି। ଲୋକେ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଡା. ମିଶ୍ର ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଗୋଟିଏ ୟୁନିଟ୍ ରକ୍ତ ୩ଜଣ ରୋଗୀଙ୍କ ଜୀବନ ରକ୍ଷା କରିପାରିବ। ଦାନ କରାଯାଇଥିବା ଅଧିକାଂଶ ରକ୍ତ କର୍କଟ, ବର୍ନ, ଥାଲାସେମିଆ ଏବଂ ଅନ୍ୟ ଗୁରୁତର ରୋଗୀଙ୍କ ଚିକିତ୍ସାରେ ଲାଗିଥାଏ। ରକ୍ତ ହେଉଛି ମାନବ ଶରୀରରୁ ବାହାରୁଥିବା ଏକମାତ୍ର ଜୀବନ୍ତ ଶକ୍ତି, ଯାହା ମନୁଷ୍ୟର ଅସ୍ତିତ୍ୱ ସମୟରେ ଦାନ କରାଯାଇପାରେ। ତେଣୁ ଏହାର ଦାନକୁ ଉତ୍ସାହିତ କରାଯିବା ଆବଶ୍ୟକ ବୋଲି ଡା. ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ ରକ୍ତ ସଂଗ୍ରହରେ ବିଭିନ୍ନ ପଦ୍ଧତି ଆପଣାଯାଉଛି। ନାଟ୍-ପିସିଆର ପଦ୍ଧତି କେବଳ କ୍ୟାପିଟାଲ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ, ବୁର୍ଲା ଭିମ୍‌ସାର ଏବଂ କଟକ ଏସ୍‌ସିବି ମେଡିକାଲ କଲେଜରେ ଉପଲବ୍ଧ ହେଉଛି। ବିଶେଷଜ୍ଞମାନେ ଦାବି କରିଛନ୍ତି, ନାଟ୍-ପିସିଆର ପଦ୍ଧତିରେ ରକ୍ତ ସଂଗ୍ରହ ନିରାପଦ। ପ୍ରାରମ୍ଭିକ ପର୍ଯ୍ୟାୟରେ ରକ୍ତରୁ ଏଚ୍.ଆଇ.ଭି. ଭଳି ମାରାତ୍ମକ ସଂକ୍ରମଣ ଚିହ୍ନଟ କରିପାରିବ ବୋଲି ଭିମ୍‌ସାର ବୁର୍ଲାର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗର ମୁଖ୍ୟ ଡା. ସି.ଆର୍. ପ୍ରସାଦ କହିଛନ୍ତି। ତେବେ ଏହି ପଦ୍ଧତି ପାଇଁ ଆବଶ୍ୟକ ମେଶିନର ଅଧିକ ମୂଲ୍ୟ ହେତୁ ଅନେକ ବ୍ଲଡ୍ ବ୍ୟାଙ୍କରେ ରକ୍ତ ସଂଗ୍ରହରେ ଏଭଳି ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇପାରୁନି। ଏଥିପାଇଁ ହସ୍ପିଟାଲ ଓ ମେଡିକାଲ କଲେଜ ଉପରେ ନିର୍ଭରଶୀଳ ହେଉଥିବାରୁ ପୂରା ପ୍ରକ୍ରିୟା ବିଳମ୍ବିତ ହେଉଛି। ଏହା ଉପରେ ସେ ଗୁରୁତ୍ୱ ଦେବା ସହ ରକ୍ତ ସଂଗ୍ରହକୁ ବ୍ୟାପକ କରିବା ପାଇଁ ବିକଳ୍ପ ବ୍ୟବସ୍ଥାର ଆବଶ୍ୟକତା ରହିଥିବା ଡା. ପ୍ରସାଦ କହିଛନ୍ତି।

# ଏମାନଙ୍କ ପାଇଁ ବଞ୍ଚିଛି ଅନେକ ଜୀବନ

ଭୁବନେଶ୍ୱର, ୧୩।୬ (ବ୍ୟୁରୋ)

ବର୍ତ୍ତମାନର କରୋନା ମହାମାରୀ ଭିତରେ ବିଶ୍ୱରେ ରକ୍ତ ସଙ୍କଟ ଆଉଏକ ବିପଦ ସୃଷ୍ଟି କରିଥିବାବେଳେ ଆଜି ବିଶ୍ୱ ପାଳୁଛି ରକ୍ତଦାତା ଦିବସ। ଏ, ବି, ଓ ରକ୍ତ ଗ୍ରୁପ୍‌ର ଉଦ୍ଭାବକ ଡ. କାର୍ଲ ଲ୍ୟାଣ୍ଡଷ୍ଟେନରଙ୍କୁ ମନେ ରଖିବା ସହ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ୨୦୦୪ରୁ ତାଙ୍କ ଜନ୍ମଦିନ ଜୁନ୍ ୧୪କୁ ବିଶ୍ୱ ରକ୍ତଦାତା ଦିବସ ରୂପେ ପାଳନ କରାଯାଉଛି। ଚଳିତ ବର୍ଷର ଶୀର୍ଷକ ରହିଛି 'ଗିଭ୍ ବ୍ଲଡ୍ ଆଣ୍ଡ କିପ୍ ଦି ୱାର୍ଲ୍ଡ ବିଟିଙ୍ଗ୍'। ନିଜେ ରକ୍ତଦାନ କରିବା ସହିତ ସାରା ବିଶ୍ୱକୁ ରକ୍ତଦାନ ପାଇଁ ସଚେତନ କରିବା ପାଇଁ ଆହ୍ୱାନ ଦିଆଯାଇଛି।

ଆଜି ସେମାନଙ୍କ ପାଇଁ ବଞ୍ଚିଛି ଅନେକ ଜୀବନ। ମିଳିଛି ନୂଆ ପରିଚୟ। ରକ୍ତଦାନ କରି ଅନ୍ୟ ଜୀବନ ବଞ୍ଚାଉଥିବା ସେହି ବ୍ୟକ୍ତିଙ୍କ ମଧ୍ୟରେ ଜଣେ ହେଉଛନ୍ତି ନୟାଗଡ ଜିଲା ଗଣିଆ ବ୍ଲକସ୍ଥିତ ବିଜୟ ନଗର ଗ୍ରାମର ସାଧୁ ଚରଣ ମହାଳିକ। ୧୯୫୮



ସାଧୁ ଚରଣ ମହାଳିକ



ଚନ୍ଦ୍ରକାନ୍ତ ଭୋଇ



ଗୌତମ କୁମାର ପାଲ୍

ଅଗଷ୍ଟ ୧୫ରେ ଜନ୍ମ ଗ୍ରହଣ କରିଥିବା ସାଧୁ ଏବେ ୬୧ବର୍ଷରେ ପଦାର୍ପଣ କରିଛନ୍ତି। ଇତିମଧ୍ୟରେ ସେ ୧୬୫ଥର ରକ୍ତଦାନ କରି ସାରିଲେଣି। 'ମାନବ ସେବା ହିଁ ମାଧବ ସେବା'କୁ ପାଥେୟ କରି ସେ ମାତ୍ର ୧୬ବର୍ଷ ବୟସରେ ପ୍ରଥମେ ରକ୍ତଦାନ କରିଥିଲେ। କେବଳ ରକ୍ତ ଦାନ ନୁହେଁ, ରକ୍ତଦାନ ପାଇଁ ବିଭିନ୍ନ କ୍ୟାମ୍ପ କରି ପ୍ରତିବର୍ଷ ସରକାରଙ୍କୁ ପ୍ରାୟ ୫ଶହ ୟୁନିଟ୍ ରକ୍ତ ପ୍ରଦାନ କରୁଛନ୍ତି। ଏବେ ଖୋର୍ଦ୍ଧାରେ ନିଜ ପରିବାର ସହ ରହୁଥିବା ସାଧୁ ଏକ ହୋଟେଲ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏପରି ମହତ୍ କାର୍ଯ୍ୟ ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ତାଙ୍କୁ ବହୁବାର ସମ୍ମାନିତ କରାଯାଇଛି।

**ବିଶ୍ୱ ରକ୍ତଦାତା ଦିବସ**

ସେହିଭଳି ଆଉ ଜଣେ ହେଉଛନ୍ତି ଚନ୍ଦ୍ରକାନ୍ତ ଭୋଇ। ବୟସ ମାତ୍ର ୨୫। କିନ୍ତୁ ଏହା ମଧ୍ୟରେ ସେ ବହୁ ଥାଲାସେମିଆ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ଦେବଦୂତ ପାଲଟିଛନ୍ତି। ଭୁବନେଶ୍ୱରର ଏମ୍‌ସ ହସ୍ପିଟାଲ, କ୍ୟାପିଟାଲ ହସ୍ପିଟାଲ, ଆପୋଲୋ ହସ୍ପିଟାଲ ବ୍ୟତୀତ ମୟୂରଭଞ୍ଜ, କରଞ୍ଜିଆ, ବାରିପଦା, କେନ୍ଦୁଝର, ବାଲେଶ୍ୱର ଆଦି ବିଭିନ୍ନ ହସ୍ପିଟାଲ ସହିତ ଯୋଗାଯୋଗରେ ରହିଛନ୍ତି। କୌଣସି ଜରୁରୀ ରୋଗୀ ଆସିଲେ ରକ୍ତ ପାଇଁ ଚନ୍ଦ୍ରକାନ୍ତଙ୍କୁ ଖୋଜାପଡ଼େ। ଏଥିସହ ଚନ୍ଦ୍ରକାନ୍ତ ୪ବର୍ଷ ହେବ ସ୍ୱେଚ୍ଛାକୃତ ରକ୍ତଦାତାଙ୍କର ଏକ ହ୍ୱାଟ୍ସ ଆପ୍ ଗ୍ରୁପ୍ କରିଛନ୍ତି। ସୂଚନା ପାଇବା ମାତ୍ରେ ଗ୍ରୁପ୍ ସଦସ୍ୟଙ୍କ ଦ୍ୱାରା ରକ୍ତର ଯୋଗାଡ଼ କରିଥାନ୍ତି। ବ୍ୟକ୍ତିଗତ ଭାବେ ଏଯାବତ୍ ସେ ୧୪ରୁ ଊର୍ଦ୍ଧ୍ୱ ଥର ରକ୍ତଦାନ କରି ସାରିଲେଣି। ଚନ୍ଦ୍ରକାନ୍ତ କୁହନ୍ତି, ପ୍ରଥମ କରି ଜଣେ ୪/୫ବର୍ଷର ଛୋଟ ଝିଅକୁ ମୁଁ ରକ୍ତ ଦେଇଥିଲି। ସେ ଥାଲାସେମିଆ ରୋଗୀ ଥିଲା। ରକ୍ତ ପାଇଁ ପିଲାର ମା' ସେଦିନ ଡାକ୍ତରଖାନାରେ ଥିବା ସବୁ ଲୋକଙ୍କ ଗୋଡ଼ ଧରି କାନ୍ଦୁଥିଲେ। ଏହି ଦୃଶ୍ୟ ମୋ ହୃଦୟକୁ ଥରାଇ ଦେଇଥିଲା। ଏହାପରଠାରୁ ମୁଁ ନିୟମିତ ଭାବେ ରକ୍ତଦାନ କରି ଆସୁଛି। 'ମିଶନ୍ ରକ୍ତଦାନ' ଅଭିଯାନରେ ଆମେ ପ୍ରତି ମାସରେ ୮ରୁ ୧୦ଟି ରକ୍ତଦାନ ଶିବିର କରୁଥିଲୁ। ମାତ୍ର ଏବେ କରୋନା ପାଇଁ କମ୍ ଶିବିର କରାଯାଉଛି। ସେହିପରି ଭୁବନେଶ୍ୱର ଶହୀଦନଗର ଅଞ୍ଚଳର ଗୌତମ କୁମାର ପାଲ୍ ପେସାରେ ଜଣେ ବ୍ୟବସାୟୀ ହୋଇଥିଲେ ମଧ୍ୟ ଅନ୍ୟକୁ ସାହାଯ୍ୟ କରିବା ତାଙ୍କୁ ଭିନ୍ନ ମଣିଷ ଭାବେ ପରିଚୟ ଦେଇଛି। ଗୌତମଙ୍କ ବ୍ଲଡ୍ ଗ୍ରୁପ୍ 'ଓ' ନେଗେଟିଭ୍। ସାଧାରଣତଃ ଏହି ଗ୍ରୁପ୍‌ର ରକ୍ତ ସହଜରେ ମିଳି ନ ଥାଏ। ତେଣୁ ନିଜର ବିରଳ ରକ୍ତ ଗ୍ରୁପ୍ ଥିବା ଜାଣିବା ପରେ ସେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିଛନ୍ତି। ଗତ ୪ବର୍ଷ ହେବ ପ୍ରତି ୩/୪ ମାସରେ ଥରେ ନିୟମିତ ରକ୍ତଦାନ କରୁଛନ୍ତି। ଏହା ମଧ୍ୟରେ ସେ ୧୫ରୁ ଊର୍ଦ୍ଧ୍ୱ ଥର ରକ୍ତଦାନ କରି ସାରିଲେଣି।

DSPL-51



**ବିଶ୍ୱ ରକ୍ତଦାତା ଦିବସ**
୧୪ ଜୁନ୍ ୨୦୨୧
**ବାର୍ତ୍ତା**

ଜୁନ୍ ୧୪ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ସମସ୍ତ ରକ୍ତଦାତା ଏବଂ ରକ୍ତଦାନ କ୍ଷେତ୍ରରେ ନିରନ୍ତର କାର୍ଯ୍ୟରତ ଅନୁଷ୍ଠାନମାନଙ୍କର କର୍ମକର୍ତ୍ତା ଏବଂ ସଦସ୍ୟ ମାନଙ୍କୁ ସାଧୁବାଦ ଜଣାଉଛି। ରକ୍ତର ବିକଳ୍ପ ନାହିଁ, ରକ୍ତଦାନ ଜୀବନ ଦାନ। କରୋନା ମହାମାରୀ ସମୟରେ ରକ୍ତଦାନ କରି ଦୁର୍ଲ୍ଲଭ ଜୀବନ ବଞ୍ଚାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ସମସ୍ତ ରକ୍ତଦାତାଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଆସନ୍ତୁ, ବିଶ୍ୱ ରକ୍ତଦାତା ଦିବସରେ ସମସ୍ତେ ଶପଥ ନେବା, ରକ୍ତଦାନ କରି ଅମୂଲ୍ୟ ମାନବ ଜୀବନ ବଞ୍ଚାଇବାରେ ନିଜର ଯୋଗଦାନ ଦେବା ସହିତ ସୁସ୍ଥ ସମାଜ ଗଠନ ନିମନ୍ତେ ସହଯୋଗର ହାତ ବଢାଇବା। ରକ୍ତଦାନ ମହାପୂଣ୍ୟ, ରକ୍ତଦାନ କରି ଏହି ମହାପୂଣ୍ୟ ଅର୍ଜନ କରିବା।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ,ଓଡ଼ିଶା



**ବିଶ୍ୱ ରକ୍ତଦାତା ଦିବସ**
୧୪ ଜୁନ୍ ୨୦୨୧
**ବାର୍ତ୍ତା**

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସାରା ବିଶ୍ୱରେ ଜୁନ୍ ୧୪ ତାରିଖକୁ ବିଶ୍ୱ ରକ୍ତଦାତା ଦିବସ ରୂପେ ପାଳନ କରାଯାଉଛି। ଆଜିର ଏହି ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ଲକ୍ଷ ୫୦ ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କ ଦାୟିତ୍ୱ। ଏଥିପାଇଁ ସ୍ୱତପ୍ରବୃତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡି ପଡୁଥିବା ଅମୂଲ୍ୟ ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିବା। ଆଜିର ଏହି ଦିବସରେ ସମସ୍ତେ ସଙ୍କଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ କରି ଶୁଖିଲା ମୁହଁରେ ହସ ଭରିବା, ଅନ୍ୟକୁ ବଞ୍ଚାଇ ନିଜେ ହସିବା।

ବର୍ତ୍ତମାନ କରୋନା ମହାମାରୀ ସଙ୍କଟ ସମୟରେ ସ୍ୱତପ୍ରବୃତ୍ତ ଭାବରେ ରକ୍ତଦାନ କରି ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କ ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ଦେବଦୂତ ସାଜୁଥିବା ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ତଥା କରୋନା ଯୋଦ୍ଧାମାନଙ୍କୁ ମୋର ଅନେକ ଅନେକ ଆନ୍ତରିକ ଶୁଭେଚ୍ଛା।

ନବକିଶୋର ଦାସ
(ନବ କିଶୋର ଦାସ)
ମନ୍ତ୍ରୀ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,ଓଡ଼ିଶା ସରକାର
OIPR-10003/13/0034/2122

## ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କୁ କରୋନା

ବାଙ୍କୀ, (ସ୍ୱ.ପ୍ର.): ବାଙ୍କୀର ପୂର୍ବତନ କଂଗ୍ରେସ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ରବିବାର ସକାଳୁ ଥଣ୍ଡା ଓ କାଶ ହେବାରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ସ୍ୱାବ ପରୀକ୍ଷା କରିଥିଲେ। ରିପୋର୍ଟ ପଜିଟିଭ ଆସିବା ପରେ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ବାଙ୍କୀର ବୁଦ୍ଧିଜୀବୀ, ଜନସାଧାରଣ ଓ ଦଳୀୟ ନେତାମାନେ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କଟକ ସଦର,୧୩।୬(ଡି.ଏନ.ଏ.): କଟକ-ପାରାଦୀପ ରାସ୍ତାର କନ୍ଦରପୁର ବଜାରରେ ଏକ ମିଠା ଦୋକାନରେ ମିସ୍ତ୍ରି ଭାବେ କାମ କରୁଥିବା ନିରଞ୍ଜନ ପରିଡା(୩୫)ଙ୍କର ଶନିବାର ରାତିରେ ଦୋକାନରେ ଶୋଇଥିବା ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଖବରପାଇ କନ୍ଦରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ରବିବାର କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୪/୨୧) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନାଧିକାରୀ ଅର୍ପିତା ଖଟୁଆ କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ବାଇକ୍ ଚୋରି ଅଭିଯୋଗ, ୨ ଗିରଫ

ବାଲିଅନ୍ତା,୧୩।୬(ଡି.ଏନ୍.ଏ.): ବାଲିଅନ୍ତା ଥାନା ପୋଲିସ ଏକ ବାଇକ୍ ଚୋରି କରିବା ଅଭିଯୋଗରେ ୨ଜଣ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ସାଗର କୁମାର ଭୋଇ ଓ ରାଜେଶ କୁମାର ଭୋଇ। ପୋଲିସ ସେମାନଙ୍କଠାରୁ ଚୋରା ବାଇକ୍‌ଟିକୁ ଜବତ କରିଛି। ଗତ କିଛିଦିନ ତଳେ ଶିବଶକ୍ତି ନଗରରେ ରହୁଥିବା ଏକ ବାଇକ୍ (ନଂ.ପିବି ୧୧ ଜେଡ୍ ୭୪୩୧) ଚୋରି ହୋଇଯାଇଥିଲା। ଏ ନେଇ ସେ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକ୍ରମେ ମାମଲା(ନଂ.୧୭୨/୨୧) ରୁଜୁ କରି ଘଟଣାର ତଦନ୍ତ କରି ଶନିବାର ୨ ଅଭିଯୁକ୍ତଙ୍କୁ ଧରିଥିଲେ।

### ମହିଳାଙ୍କୁ ମାଡ଼ ମାରି ୨ ଗିରଫ

ଭୁବନେଶ୍ୱର,୧୩।୬(ବ୍ୟୁରୋ): ମହିଳାଙ୍କୁ ମାଡ ମାରିବା ଅଭିଯୋଗରେ ମଞ୍ଚେଶ୍ୱର ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମହିଳାଙ୍କ ସ୍ୱାମୀ ବନମାଳୀ ଭଲ ଓ ବିଜୟ କୁମାର ପଲେଇ। ସେମାନେ ସ୍ଥାନୀୟ ଝରଣା ସାହିର ବୋଲି ଜଣାପଡିଛି। ଅଭିଯୋଗ ଅନୁଯାୟୀ, ଶନିବାର ବନମାଳୀ ତାଙ୍କ ସାଙ୍ଗ ବିଜୟ ମଦ୍ୟପାନ କରି ଘରକୁ ଆସିଥିଲେ। ଏହାକୁ ବନମାଳୀଙ୍କ ସ୍ତ୍ରୀ ଗୀତାଞ୍ଜଳି ବିରୋଧ କରିବାରୁ ଉଭୟ ତାଙ୍କୁ ମାଡ ମାରିଥିଲେ। ଏନେଇ ଗୀତାଞ୍ଜଳି ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୭୬/୨୧) ରୁଜୁ କରିଛି।

### ଶଟର ତାଡ଼ି ୨ ଦୋକାନରୁ ମୋବାଇଲ ଫୋନ ଚୋରି

ଭୁବନେଶ୍ୱର,୧୩।୬(ବ୍ୟୁରୋ): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡି ନଗର ଛକରେ ଥିବା ଦୁଇଟି ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଶନିବାର ରାତିରେ ଶିଖରଚଣ୍ଡି ନଗର ଛକରେ ଥିବା ଶୁଭମ ମୋବାଇଲ ଓ ଜଗନ୍ନାଥ ମୋବାଇଲ ଦୋକାନର ସଟର ତାଡି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ମୋବାଇଲ ଦୁର୍ବୃତ୍ତ ଚୋରି କରି ଫେରାର ହୋଇଯାଇଛନ୍ତି। ଏନେଇ ଶୁଭମ ରାଓ ଓ ଶ୍ରୀକାନ୍ତ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ତେବେ ମୋବାଇଲ ଦୋକାନ ସମ୍ମୁଖରେ ୨ଜଣ ଯୁବକ ବୁଲୁଥିବା ଚିତ୍ର ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସିସିଟିଭି ଆଧାରରେ ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

### ପରମହଂସ ପଞ୍ଚାୟତକୁ ନୂତନ ବିଦ୍ୟୁତ୍ ଫିଡର ସଂଯୋଗ

କଟକ ସଦର,୧୩।୬(ଡି.ଏନ.ଏ.): କଟକ ସଦର ବ୍ଲକ ଅଧୀନ ପରମହଂସ ପଞ୍ଚାୟତକୁ ନୂତନ ୧୧ କେଭି ବିଦ୍ୟୁତ୍ ଫିଡର ଦ୍ୱାରା ରବିବାର ସଂଯୋଗ କରାଯାଇଛି। ଏହି ଫିଡରକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରିଥିଲେ। ଏହାଛଡା ପରମହଂସନାଥ ପୀଠକୁ ଉକ୍ତ ଫିଡରରୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି ସରପଞ୍ଚ ମିନତି ବେହେରା କହିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସିଟି ବିଦ୍ୟୁତ୍ ଡିଭିଜନର ନିର୍ବାହୀଯନ୍ତ୍ରୀ ଚନ୍ଦ୍ରଭାନୁ ମହାନ୍ତି, ସହକାରୀ ନିର୍ବାହୀଯନ୍ତ୍ରୀ ସରୋଜ ସାହୁ, କନିଷ୍ଠଯନ୍ତ୍ରୀ ତୁଳସୀ ଚରଣ ଦାସ, ପ୍ରମୋଦ ମହାପାତ୍ର, ବିଭୂତି ଭୂଷଣ ପରିଡା, ଶ୍ରମିକ ନେତା କମଳ ବାବୁ, ପ୍ରଫୁଲ୍ଲ ସିଂହ, ସମର ବେହେରା, ରଜନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଅଲିସା ବଜାର ଅଞ୍ଚଳରେ ଜଣେ ଯୁବତୀ ଝିଅଟିକୁ ସଜବାଜ କରୁଛନ୍ତି।




ରବିବାର ଭୁବନେଶ୍ୱର ପାନ୍ଥ ନିବାସରେ ଓଟିଡିସି ପକ୍ଷରୁ 'ପିଠା ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଉଛି।

# ସରିଲା ସଜବାଜ, ଆଜି ପହିଲି ରଜ

କଟକ ଅଫିସ,୧୩।୬

ଓଡ଼ିଶାରେ ରଜ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଘରେ ଘରେ ପିଠା ସାଙ୍ଗକୁ ଝିଅମାନେ ଦୋଳି ଖେଳି ମଜା ଉଠାଇଥାନ୍ତି। ହେଲେ ଚଳିତବର୍ଷ କରୋନା କଟକଣା ଯୋଗୁ ରଜ ଉତ୍ସବ ଫିକା ପଡିଛି। ପହିଲି ରଜର ପୂର୍ବଦିନ ସଜବାଜ ଥିବାରୁ ରବିବାର ଝିଅମାନେ ଘରେ ରହି ହାତରେ ମେହେନ୍ଦୀ, ପାଦରେ ଅଳତା ଓ ମଥାରେ କୁଙ୍କୁମ ଲଗେଇ ସଜବାଜ ହୋଇଥିଲେ। ଝିଅମାନେ ଏକାଠି ହୋଇ ଦୋଳି ଖେଳି ରଜ ଉତ୍ସବ ପାଳନ ଉପରେ କଟକଣା ଜାରି ହୋଇଛି। ଏଥିଯୋଗୁ ସେମାନେ ଘରେ ରହି ସୋମବାର ପହିଲି ରଜ ପାଳନ ପାଇଁ ପ୍ରସ୍ତୁତି ଚଳାଇଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ବସ୍ତିର କୁନି ପିଲାଙ୍କ ମୁହଁରେ ହସ ଫୁଟାଇବା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱପ୍ନା ଫାଉଣ୍ଡେସନ ଓ ଉତ୍କଳ ପ୍ରେରଣା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସେମାନଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା।

## ଆରମ୍ଭ ହେଲା 'ପିଠା ଅନ୍ ହ୍ୱିଲ୍'

ଭୁବନେଶ୍ୱର, ୧୩।୬ (ବ୍ୟୁରୋ)



କରୋନା କଟକଣା ଭିତରେ ଆରମ୍ଭ ହୋଇଛି ଓଡ଼ିଶାର ଗଣପର୍ବ ରଜ। ଦୋଳି, ବୁଲାବୁଲି ନ ଥିଲେ ମଧ୍ୟ ରଜ ପିଠା ପରଷିବାକୁ ଭୁବନେଶ୍ୱର ସମେତ ସମ୍ବଲପୁର ଓ କଟକରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ରବିବାର ପାନ୍ଥନିବାସଠାରେ 'ପିଠା ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ପାନ୍ଥନିବାସ ଓ ମିଶନ ଶକ୍ତିର ମହିଳାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହାଇଜେନିକ୍ ପ୍ରକ୍ରିୟାରେ ହାତ ତିଆରି ଓଡ଼ିଆ ସୁସ୍ୱାଦୁ ପିଠା ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଲୋକଙ୍କ ଦ୍ୱାରା ଆଦୃତ ହେବ ବୋଲି ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କହିଛନ୍ତି। ଓଟିଡିସି ପରିଚାଳନା ନିର୍ଦ୍ଦେଶକ ତଥା ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର. ଯାଦବ କହିଲେ, ନିରାଡ଼ମ୍ବରରେ ରଜ ପାଳନ ହେଉଛି। ପାନ୍ଥନିବାସରେ କେବଳ ପ୍ରତୀକାତ୍ମକ ହୋଲି ରହିବ। ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକ, ଖଣ୍ଡଗିରି ଛକ, ସିଆରପି ଛକ, ପଟିଆ ଛକ, ଚନ୍ଦ୍ରଶେଖରପୁର ଓ ରୁପାଲି ଛକରେ 'ପିଠା ଅନ୍ ହ୍ୱିଲ୍' ମାଧ୍ୟମରେ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଏହି ପିଠା ମିଳିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ମାସ୍କ ଉପଲବ୍ଧ ହେବ। ଗତବର୍ଷ ୧୧ଲକ୍ଷ ଟଙ୍କାର ପିଠା ବ୍ୟବସାୟ ହୋଇଥିଲା। ପିଠା ବିକ୍ରି ନିମନ୍ତେ ସ୍ୱତନ୍ତ୍ର ମୋବାଇଲ ଫୋନ୍ ନମ୍ବର ଜାରି କରାଯାଇଛି। ଏହି ନମ୍ବର ଓଟିଡିସି ସୋସିଆଲ ମିଡିଆ ପେଜ୍‌ରେ ମଧ୍ୟ ଉପଲବ୍ଧ ରହିଥିବା ସେ କହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରଜ ଶୁଭେଚ୍ଛା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରଜ ପାଇଁ ଓଡ଼ିଶାବାସୀଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି। 'ପିଠା ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏହାକୁ ପାଠ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆଙ୍କ ପ୍ରିୟ ପର୍ବ ରଜ ଅବସରରେ ଓଡ଼ିଶାବାସୀ ଓ ବିଶେଷକରି ମା' ଓ ଝିଅମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ରଜ ଓଡ଼ିଶାର ସାଂସ୍କୃତିକ ଗଣପର୍ବ। ବସୁଧା, ପ୍ରକୃତି ଓ ନାରୀଙ୍କ ମହନୀୟତାକୁ ସମ୍ମାନ ଜଣାଇବାର ଅନନ୍ୟ ପରମ୍ପରା। ସମାଜ ପାଇଁ ନାରୀର ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବାର ପର୍ବ। ରଜପର୍ବ ପାଳନ ଅବସରରେ ଓଟିଡିସିର ପାନ୍ଥନିବାସ ଓ ମିଶନ ଶକ୍ତି ମା'ଙ୍କ ସହାୟତାରେ ଆୟୋଜନ କରାଯାଉଥିବା 'ପିଠା ଅନ୍ ହ୍ୱିଲ୍'କୁ ମଧ୍ୟ ସେ ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତେ କୋଭିଡ୍ କଟକଣା ମାନି ନିରାଡ଼ମ୍ବର ଭାବେ ରଜପର୍ବ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

# ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା ଯୋଦ୍ଧା ସମ୍ମାନ

ଭୁବନେଶ୍ୱର,୧୩।୬(ବ୍ୟୁରୋ)



ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୮ ନମ୍ବର ୱାର୍ଡ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ମନୋଜ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଯୁବ ସାମାଜିକ କର୍ମୀ, ଅଙ୍ଗନୱାଡି ଓ ଅଶାକର୍ମୀଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍ତର ଜୋନ୍‌ର ଡେପୁଟି କମିଶନର ପୁରନ୍ଦର ନନ୍ଦ, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ଡା. ଦେବୀ ପ୍ରସନ୍ନ ସାହୁ ଯୋଗଦେଇ କରୋନା ସଚେତନତା ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳକ ହେମନ୍ତ ମହାପାତ୍ର, ରଜତ କର, ସତ୍ୟ ନାରାୟଣ ମହାନ୍ତି, ୱାର୍ଡସଭାପତି ଲକ୍ଷ୍ମୀଧର ସାହୁ ଯୋଗଦେଇଥିଲେ। ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪୦ ବୋତଲ କଫସିରପ୍ ଜବତ, ୨ ଗିରଫ

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ବଡ଼ଗଡ଼ ଥାନା ପୋଲିସ ରବିବାର ୧୪୦ ବୋତଲ କଫସିରପ, ସ୍କୁଟି ଜବତ କରିବା ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ଗଡ଼ ବ୍ରିଟ୍ କଲୋନୀ ପାଣିଟାଙ୍କି ପରିସରରେ ରହୁଥିବା ଜ୍ଞାନରଞ୍ଜନ ପଟ୍ଟନାୟକ ଓ ଲକ୍ଷ୍ମୀବିହାରର ଔଷଧ ଦୋକାନୀ ଦୁର୍ଗାଦତ୍ତ ଜୟସିଂହ। ଏହି ଥାନା ଅଞ୍ଚଳର କେତେକ ନିର୍ଦ୍ଦିଷ୍ଟ ମେଡିସିନ ଦୋକାନରେ କୋରେକ୍ସ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ରବିବାର ପୋଲିସ କେନାଲ ରୋଡରେ ଥିବା ଏକ ମେଡିସିନ ଷ୍ଟୋର ନିକଟରେ ଜଗି ରହିଥିଲେ। ଷ୍ଟୋରକୁ ଦୋକାନୀ ଦୁର୍ଗାଦତ୍ତ ଓ ଜ୍ଞାନରଞ୍ଜନ ଗୋଟିଏ ସ୍କୁଟିରେ କୋଡେନ କଫସିରପ ନେଇଯାଉଥିବାବେଳେ ପୋଲିସ ଧରିଥିଲା। ପରେ ମେଡିସିନ ଷ୍ଟୋରରେ ମଧ୍ୟ ଚଢ଼ାଉ କରିଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ. ୨୧୪/୨୧) ରୁଜୁ କରି ତଦନ୍ତ ଚଳାଇଛି।

# ୪ହଜାରକୁ ଖସିଲା ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା

ଭୁବନେଶ୍ୱର,୧୩।୬(ବ୍ୟୁରୋ)

୨୪ଘଣ୍ଟାରେ ଭୁବନେଶ୍ୱରରୁ ୫୦୯ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୯୨୬ଜଣ ସୁସ୍ଥ ହୋଇଛନ୍ତି। ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୪, ୬୭୧କୁ ଖସିଆସିଛି। ଚିହ୍ନଟ ପଜିଟିଭ୍‌ଙ୍କ ମଧ୍ୟରୁ ୯୦ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୪୧୯ଜଣ ସ୍ଥାନୀୟ ସଂକ୍ରମିତ। ସର୍ବାଧିକ ୪୮ଜଣ ସଂକ୍ରମିତ ପଟିଆ ଅଞ୍ଚଳରୁ ଥିବାବେଳେ, ଶୈଳଶ୍ରୀ ବିହାର ୧୦, ଶହୀଦ ନଗର ୧୧, ଭିଏସ୍‌ଏସ୍ ନଗର ୯, ୟୁନିଟ-୯ ୧୦, ରସୁଲଗଡ ୧୨, ଡୁମୁଡୁମା ୩୧, ୟୁନିଟ-୬ ୧୦, ନୟାପଲ୍ଲୀ ୧୩, ପାତ୍ରପଡା ୧୦, ନୀଳାଦ୍ରି ବିହାର ୯, ପୁରୁଣା ଭୁବନେଶ୍ୱର ୮, ଟଙ୍କପାଣି ରୋଡ୍ ୫, ଲକ୍ଷ୍ମୀସାଗର ୧୬, ବରମୁଣ୍ଡା ୭, ମଞ୍ଚେଶ୍ୱର ୫, ଖଣ୍ଡଗିରି ୨୭, ଝାରପଡା ୮, ସାମନ୍ତରାପୁର ୧୫, ବଡଗଡ ୭, ହଂସପାଳ ୬ ଜଣ ରହିଛନ୍ତି। ମୋଟ ଆକ୍ରାନ୍ତ ସଂଖ୍ୟା ୮୪, ୧୧୮ରେ ପହଞ୍ଚିଛି। ୨୪ଘଣ୍ଟାରେ କୌଣସି ଆକ୍ରାନ୍ତଙ୍କର ମୃତ୍ୟୁ ହୋଇ ନାହିଁ।

# ରାସ୍ତାରେ ଗର୍ତ୍ତ, ଯାତାୟାତରେ ସମସ୍ୟା

କଟକ ଅଫିସ,୧୩।୬



ସିଡିଏ ସେକ୍ଟର-୭ ଅଞ୍ଚଳ ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରାସ୍ତା ଦବି ଯିବାରୁ ବୋଲେରୋ ଗଳିପଡ଼ିଛି।

- ଖାଲରେ ଗଳିପଡିଲା ବୋଲେରୋ
- ସ୍ଥାୟୀ ମରାମତି ହେଉନି

କଟକ ସହରର ବିଭିନ୍ନ ରାସ୍ତାରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ସିଡ଼ିଏ ସେକ୍ଟର-୭ ପୁରୁଣାମାର୍କେଟ ନିକଟ ରାସ୍ତାରେ ଶନିବାର ସ୍ୱେରେଜ ଚାମ୍ବର ଫାଟି ରାସ୍ତା ଧସିଯାଇଥିଲା। ଏହାଦ୍ୱାରା ସେଠାରେ ବଡ଼ ଗର୍ତ୍ତ ସୃଷ୍ଟି ହେବାରୁ ଯାତାୟତରେ ସମସ୍ୟା ହୋଇଥିଲା। ଏ ସମ୍ପର୍କରେ ଖବର ପାଇବା ପରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ବାଲି ଫିଲିଂ କରାଯାଇଛି।

ସେହିପରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ନିକଟ ରାସ୍ତାର ଧସିଯାଇଛି। ଉକ୍ତ ରାସ୍ତାରେ ବିଦ୍ୟୁତ୍ ବିଭାଗର ଏକ ବୋଲେରୋ ଛିଡା ହୋଇଥିଲା। ହଠାତ୍ ରାସ୍ତା ଦବିଯିବାରୁ ବୋଲେରୋ ଖାଲ ଭିତରେ ପଶିଯାଇଥିଲା। ଅନ୍ୟପକ୍ଷରେ କିଛିଦିନ ପୂର୍ବରୁ ପୁରୀଘାଟ ରିଂବନ୍ଧ ରାସ୍ତା ପାର୍ଶ୍ୱରେ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ବାଲି ପକାଇ ପୋତାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ମରାମତି କରାଯାଇନାହିଁ। ସେହିଭଳି ଦୋଳମୁଣ୍ଡାଇରୁ ରାଣୀହାଟ ଯିବା ରାସ୍ତାର କେତେକ ସ୍ଥାନ ଦବି ଯାଇଥିବା ଦେଖିବାକୁ ମିଳିଛି। ସିଡ଼ିଏ ସେକ୍ଟର ୭ ଅଞ୍ଚଳର ବାସିନ୍ଦା ବିଶ୍ୱରଞ୍ଜନ ସାହୁ କହିଛନ୍ତି, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱେରେଜ ଚାମ୍ବର ନିର୍ମାଣ ପାଇଁ ଉକ୍ତ ରାସ୍ତା ଖୋଳାଯାଇଥିଲା। ସ୍ୱେରେଜ ଚାମ୍ବର ନିର୍ମାଣ ପରେ ଉକ୍ତ ସ୍ଥାନରେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାରେ ଏଭଳି ଗର୍ତ୍ତ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦେବବ୍ରତ ମହାନ୍ତି କହିଛନ୍ତି, ସିଡିଏ ସେକ୍ଟର ୭ରେ ସୃଷ୍ଟି ହୋଇଥିବା ଗର୍ତ୍ତରେ ବାଲି ଭର୍ତ୍ତି କରାଯାଇଛି। କୌଣସି ଘରୋଇ କମ୍ପାନୀ ଉକ୍ତ ରାସ୍ତା ମଧ୍ୟଦେଇ ତାର ନେବା କାରଣରୁ ସ୍ୱେରେଜ ଚାମ୍ବର ଫାଟି ଯାଇଥିଲା। ଫଳରେ ଉକ୍ତ ସ୍ଥାନରେ ରାସ୍ତା ଧସି ଗର୍ତ୍ତ ସୃଷ୍ଟି ହୋଇଥିଲା। ବର୍ଷା କମିବା ପରେ ଉକ୍ତ ସ୍ଥାନ ମରାମତି କରାଯିବ। ଏଥିସହ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ସେହିପରି ଜାଇକାର ଅଧିକାରୀ ବିକ୍ରମ ମିଶ୍ର କହିଛନ୍ତି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରାସ୍ତାରେ ହୋଇଥିବା ଗର୍ତ୍ତ ସମ୍ବନ୍ଧରେ ତାଙ୍କ ପାଖରେ ସୂଚନା ନାହିଁ। ଯଦି ଉକ୍ତ ସ୍ଥାନରେ ଜାଇକା ପକ୍ଷରୁ କାର୍ଯ୍ୟ କରାଯାଇଥିବ ତେବେ ମରାମତି ପାଇଁ ପଦକ୍ଷେପ ନିଆଯିବ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଇକ୍‌ବାଲ



@ ଅମାନତ



@ ଅମିୟ



@ ଆୟୁଷ



@ ବିଟୁ



@ ସୌମିତ୍ର

# ୩ ଅଭିଯୁକ୍ତ କୋର୍ଟ ଚାଲାଣ

ମାହାଙ୍ଗା,୧୩।୬(ସ୍ୱ.ପ୍ର.)

**ବୃଦ୍ଧଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ସଂଘବଦ୍ଧ ଆକ୍ରମଣ ଘଟଣା**

ଛେଳି ମାରି ଦେଇଥିବା ଅଭିଯୋଗ କରି ମାହାଙ୍ଗା ଥାନା ଗୋଡରା ଗ୍ରାମରେ ଗତ ଗୁରୁବାର ସନ୍ଧ୍ୟାରେ ଉକ୍ତ ଗ୍ରାମର ୬୫ ବର୍ଷୀୟ ବୃଦ୍ଧ ଗୌରାଙ୍ଗ ରାଉତଙ୍କୁ ଛେଳି ମାଲିକ ଓ ତାଙ୍କ ସହଯୋଗୀ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ.୧୨୯/୨୧)ରୁଜୁକରାଯାଇ ଉକ୍ତ ଗ୍ରାମର ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କାର୍ତ୍ତିକ ସାହୁ, ରବୀନ୍ଦ୍ର ସାହୁ ଓ ସୁକାନ୍ତ ସାହୁ। ତେବେ ଘଟଣା ସହ ସମ୍ପୃକ୍ତ ଅନ୍ୟ ୫ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ସେମାନେ ଖୁଲମ୍‌ଖୁଲା ବୁଲୁଥିବା ବେଳେ ପୋଲିସର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

# ଓଡ଼ିଆ ଭାଷା ସାହିତ୍ୟର ବିକାଶ ସମ୍ପର୍କିତ ୱେବିନାର

ଭୁବନେଶ୍ୱର,୧୩।୬

ଦେଶରୁ ବିଦେଶ ପର୍ଯ୍ୟନ୍ତ କିପରି ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ପ୍ରଚାର ପ୍ରସାର ହୋଇପାରିବ ସେଥିପାଇଁ ଶନିବାର ଏକ ୱେବିନାର ଅନ୍ତର୍ଜାତୀୟ ସ୍ତରରେ ଆୟୋଜିତ ହୋଇଯାଇଛି। ଉକ୍ତ ୱେବିନାରକୁ ଆମେରିକାରେ ଅବସ୍ଥାପିତ ପ୍ରଖ୍ୟାତ ଓଡ଼ିଆ ବୈଜ୍ଞାନିକ ତଥା ସାହିତ୍ୟିକ ବିଜୟମୋହନ ମିଶ୍ର ଏବଂ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି ଆୟୋଜନ କରିଥିଲେ।

ଏହି ପରିପ୍ରେକ୍ଷୀରେ ସାହିତ୍ୟିକ ବିଜୟମୋହନ ମୁଖ୍ୟ ବକ୍ତା ଭାବରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର, ବିକାଶ ଏବଂ ବିଭିନ୍ନ ସ୍ତରରେ ରହିଥିବା ଅନେକ ସମସ୍ୟା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ପ୍ରାବନ୍ଧିକ ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟମାନେ ମଧ୍ୟ ଓଡ଼ିଆ ଭାଷା ଉପରେ ନିଜ ନିଜର ହୃଦୟସ୍ପର୍ଶୀ ମତ ଉପସ୍ଥାପନ ସହ ପ୍ରବନ୍ଧ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ କେତନ ମହାନ୍ତି, ଦେବ ନାରାୟଣ ପଟ୍ଟନାୟକ, ଡ. ମମତା ଦାଶ, ଅନନ୍ତ ଦେବଦର୍ଶୀ, ଶାନ୍ତିଲତା ମହାପାତ୍ର, କୁମୁଦିନୀ ବେହେରା, ପ୍ରଭଞ୍ଜନ ଦାଶ ପ୍ରମୁଖ ଯୋଗଦାନ କରିଥିଲେ।

ସୂଚନା ଅନୁଯାୟୀ ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ଓଡ଼ିଶାରେ ରହିଥିବା ସାଧାରଣ ସମସ୍ୟାର ସମାଧାନ ଲାଗି ଅନ୍ତର୍ଜାତୀୟସ୍ତରରେ ଏକ ବଡ଼ ୱେବିନାର ଗତ ଏପ୍ରିଲ ୨୧ରେ ଆୟୋଜନ କରାଯାଇଥିଲା। ଖୁବ୍‌ଶୀଘ୍ର ଆଉ ଏକ ୱେବିନାର ଆସନ୍ତା ଅଗଷ୍ଟରେ ଅନୁଷ୍ଠିତ ହେବାର ଯୋଜନା ରହିଛି ବୋଲି ମିଶ୍ର ସୂଚନା ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୬୫,୫୩,୯୯୩ | ୩୮,୧୩,୩୯୭ | ୧୬,୦୫,୫୯,୬୪୪ |
| ଭାରତ | ୨,୯୪,୮୫,୩୭୪ | ୩,୭୧,୨୨୧ | ୨,୮୧,୦୫,୩୭୯ |
| ଓଡ଼ିଶା | ୮,୫୧,୬୮୨ | ୩୩୦୨(+୫୩) | ୭,୯୬,୭୯୯ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ରଥଖଳାରୁ**

# ତିନି ରଥରେ ଦଣ୍ଡା ପଡ଼ିଲା



ନନ୍ଦିଘୋଷ ରଥରେ ରବିବାର ଦଣ୍ଡା ପକାଯାଇ ନିରାଡ଼ି, ଜଳଯନ୍ତ୍ର ଏବଂ ଗୁଜ ପ୍ରଭୃତି ସଂଯୋଗ କରାଯାଉଛି।

**ପୁରୀ ଅଫିସ, ୧୩।୬**

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାକୁ ଏକ ମାସରୁ କମ୍ ସମୟ ଥିବାବେଳେ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ରବିବାର ସନ୍ଧ୍ୟା ସୁଦ୍ଧା ତିନିରଥରେ ଦଣ୍ଡା ପଡ଼ିବା ସହ ଦଣ୍ଡାଗୁଡ଼ିକୁ ଅଖ ସହିତ ଦଉଡ଼ିରେ ବନ୍ଧାଯାଇଛି। ରବିବାର ଲଘୁଚାପଜନିତ ବର୍ଷା କାରଣରୁ କିଛି ସମୟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସକାଳେ କିଛି ସମୟ କାମ ହେବା ପରେ ପୁଣି ଅପରାହ୍ନରେ କାର୍ଯ୍ୟ ହୋଇଥିଲା। ବର୍ଷା ପୂର୍ବରୁ ତିନି ରଥରେ ଦଣ୍ଡା ପଡ଼ିଥିଲା। ପରେ ଦଣ୍ଡା ଗୋଲେଇ କାର୍ଯ୍ୟ କରାଯାଇଥିଲା। ଦଣ୍ଡାଗୁଡ଼ିକରେ ଅର୍ଦ୍ଧ ଚନ୍ଦ୍ରାକାର ଖୋଦେଇକୁ ଦଣ୍ଡା ଗୋଲେଇ କୁହାଯାଏ। ଖୋଦେଇ ସରିବା ପରେ ଦଣ୍ଡା ଏବଂ ଅଖକୁ ଦଉଡିରେ ଟାଣଦେଇ ବନ୍ଧାଯାଇଥିଲା। ଦଣ୍ଡା ପଡ଼ିବା ପରେ ଆଗଆଣୀ ଓ ପଛଆଣୀ ନିଆଡ଼ି ଉଠିଛି। ସେହିପରି ତିନି ରଥର ଦୁଇଟି ଲେଖାଏ ଗୟଳ ଚଉପଟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଦଣ୍ଡାରେ କଣ୍ଟା ବାଡ଼ିଆ ଆରମ୍ଭ ହେବ। ରୂପକାର ସେବକମାନେ ନାଟଗୋଡ଼ରେ ଖୋଦେଇ କାମ ଜାରି ରଖିଛନ୍ତି। ସେହିପରି ଦୋଳବେଦିସ୍ଥିତ କମାରଶାଳରେ ଓଝାସେବକମାନେ ତିନି ରଥ ପାଇଁ ବିଭିନ୍ନ ପ୍ରକାର କଣ୍ଟା ପ୍ରସ୍ତୁତିରେ ଲାଗିଛନ୍ତି।

# ରକ୍ତ ସଂଗ୍ରହରେ କରୋନା ବାଧକ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**



କରୋନା ମହାମାରୀ ରାଜ୍ୟରେ ସଂକଟଜନକ ପରିସ୍ଥିତି ସୃଷ୍ଟି କରିଛି। ଲକ୍‌ଡାଉନ୍ ଓ ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରି ରହିଥିବାବେଳେ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ ଆଦି ବିଭିନ୍ନ କ୍ଷେତ୍ର ପ୍ରଭାବିତ ହୋଇଛି। ତେବେ ଏଥିଯୋଗୁ ରକ୍ତ ସଂଗ୍ରହ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ରାଜ୍ୟରେ ଥିବା ବିଭିନ୍ନ ବ୍ଲଡ୍ ବ୍ୟାଙ୍କରେ ରକ୍ତ ଦାନ ଓ ସଂଗ୍ରହ ପୂରା କମିଯାଇଛି। ଫଳରେ ସାଧାରଣ ଚିକିତ୍ସା କ୍ଷେତ୍ର ବଡ଼ ସଙ୍କଟ ମଧ୍ୟଦେଇ ଗତି କରୁଛି।

କଟକରେ ସେଣ୍ଟ୍ରାଲ୍ ରେଡ୍ କ୍ରସ୍ ବ୍ଲଡ୍ ବ୍ୟାଙ୍କ ରହିଛି। ଓଡ଼ିଶାର ଏହି ଅନ୍ୟତମ ବୃହତ୍ତମ ବ୍ଲଡ୍ ବ୍ୟାଙ୍କ କରୋନା ପୂର୍ବରୁ ପ୍ରତିଦିନ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରୁଥିଲା। ଏବେ ଦିନକୁ ୫୦ ୟୁନିଟ୍ ରକ୍ତ ପାଇବା କଷ୍ଟକର ହୋଇପଡୁଛି। ଏନେଇ ବ୍ଲଡ୍ ବ୍ୟାଙ୍କର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ଦାସ କହିଛନ୍ତି, କରୋନା ହେତୁ ରକ୍ତ ସଂଗ୍ରହ ହ୍ରାସ ପାଇଛି। ତଥାପି ଆମେ ନିୟମିତ ରକ୍ତ ସଂଗ୍ରହ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ କରିଛୁ। ସେହିପରି କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କର ରକ୍ତ ସଂଗ୍ରହ ବ୍ୟବସ୍ଥା ମଧ୍ୟ ମହାମାରୀ କାରଣରୁ ବାଧାପ୍ରାପ୍ତ ହୋଇଛି। ଏହି ବ୍ଲଡ୍ ବ୍ୟାଙ୍କର ଇନ୍‌ଚାର୍ଜ ଡା. ଦେବାଶିଷ ମିଶ୍ର କହିଛନ୍ତି, ଛାତ୍ରୀଛାତ୍ରମାନେ ଅଧିକାଂଶ ରକ୍ତ ଦାନ କରନ୍ତି। ଶିକ୍ଷାନୁଷ୍ଠାନ ରକ୍ତଦାନର ମୂଳ ଉତ୍ସ ହୋଇଥିବାରୁ ସେଗୁଡ଼ିକ ବନ୍ଦ ଥିବା କାରଣରୁ ରକ୍ତ ସଂଗ୍ରହ ହ୍ରାସ ପାଇଛି। ତେବେ ରକ୍ତ ସଂଗ୍ରହ ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ଜାରି ରଖିବାକୁ ସ୍ଥାନୀୟ କ୍ଲବ୍ ଓ ସ୍ୱେଚ୍ଛାସେବୀ ଦାତାଙ୍କ ଉପରେ ଗୁରୁତ୍ୱ ଦିଆଯାଉଛି। ଲୋକେ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଡା. ମିଶ୍ର ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଗୋଟିଏ ୟୁନିଟ୍ ରକ୍ତ ୩ଜଣ ରୋଗୀଙ୍କ ଜୀବନ ରକ୍ଷା କରିପାରିବ। ଦାନ କରାଯାଇଥିବା ଅଧିକାଂଶ ରକ୍ତ କର୍କଟ, ବର୍ନ, ଥାଲାସେମିଆ ଏବଂ ଅନ୍ୟ ଗୁରୁତର ରୋଗୀଙ୍କ ଚିକିତ୍ସାରେ ଲାଗିଥାଏ। ରକ୍ତ ହେଉଛି ମାନବ ଶରୀରରୁ ବାହାରୁଥିବା ଏକମାତ୍ର ଜୀବନ୍ତ ଶକ୍ତି, ଯାହା ମନୁଷ୍ୟର ଅସ୍ତିତ୍ୱ ସମୟରେ ଦାନ କରାଯାଇପାରେ। ତେଣୁ ଏହାର ଦାନକୁ ଉତ୍ସାହିତ କରାଯିବା ଆବଶ୍ୟକ ବୋଲି ଡା. ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ ରକ୍ତ ସଂଗ୍ରହରେ ବିଭିନ୍ନ ପଦ୍ଧତି ଆପଣାଯାଉଛି। ନାଟ୍-ପିସିଆର ପଦ୍ଧତି କେବଳ କ୍ୟାପିଟାଲ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ, ବୁର୍ଲା ଭିମ୍‌ସାର ଏବଂ କଟକ ଏସ୍‌ସିବି ମେଡିକାଲ କଲେଜରେ ଉପଲବ୍ଧ ହେଉଛି। ବିଶେଷଜ୍ଞମାନେ ଦାବି କରିଛନ୍ତି, ନାଟ୍-ପିସିଆର ପଦ୍ଧତିରେ ରକ୍ତ ସଂଗ୍ରହ ନିରାପଦ। ପ୍ରାରମ୍ଭିକ ପର୍ଯ୍ୟାୟରେ ରକ୍ତରୁ ଏଚ୍.ଆଇ.ଭି. ଭଳି ମାରାତ୍ମକ ସଂକ୍ରମଣ ଚିହ୍ନଟ କରିପାରିବ ବୋଲି ଭିମ୍‌ସାର ବୁର୍ଲାର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗର ମୁଖ୍ୟ ଡା. ସି.ଆର୍. ପ୍ରସାଦ କହିଛନ୍ତି। ତେବେ ଏହି ପଦ୍ଧତି ପାଇଁ ଆବଶ୍ୟକ ମେଶିନର ଅଧିକ ମୂଲ୍ୟ ହେତୁ ଅନେକ ବ୍ଲଡ୍ ବ୍ୟାଙ୍କରେ ରକ୍ତ ସଂଗ୍ରହରେ ଏଭଳି ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇପାରୁନି। ଏଥିପାଇଁ ହସ୍ପିଟାଲ ଓ ମେଡିକାଲ କଲେଜ ଉପରେ ନିର୍ଭରଶୀଳ ହେଉଥିବାରୁ ପୂରା ପ୍ରକ୍ରିୟା ବିଳମ୍ବିତ ହେଉଛି। ଏହା ଉପରେ ସେ ଗୁରୁତ୍ୱ ଦେବା ସହ ରକ୍ତ ସଂଗ୍ରହକୁ ବ୍ୟାପକ କରିବା ପାଇଁ ବିକଳ୍ପ ବ୍ୟବସ୍ଥାର ଆବଶ୍ୟକତା ରହିଥିବା ଡା. ପ୍ରସାଦ କହିଛନ୍ତି।

## ଅନ୍ନଦାନ ସେବା କାର୍ଯ୍ୟକ୍ରମ

**ପୁରୀ ଅଫିସ, ୧୩।୬**

ସପ୍ତାହାନ୍ତ ଶଟ୍‌ଡାଉନ୍ ସମୟରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀ ଓ ତାଙ୍କ ପରିଜନ ଖାଦ୍ୟ ପାଇଁ ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ହାପିନେସ୍ ଫାଉଣ୍ଡେଶନ୍ ପକ୍ଷରୁ ରବିବାର ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନ୍ନଦାନ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଫାଉଣ୍ଡେଶନ୍ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସ୍ୱେଚ୍ଛାସେବୀ ବିପିନ ମହାନ୍ତି ଓ ଦେବାଶିଷ ଦାଶ ପ୍ରମୁଖ ଲୋକଙ୍କୁ ଅନ୍ନଦାନ କରିଥିଲେ। ପୁରୀ ପୌରପାଳିକାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ସ୍ୱତନ୍ତ୍ର ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଖାଦ୍ୟ ନିରାପତ୍ତା ଅଧିକାରୀ ରାଜେଶ୍ୱରୀ ପତି ପ୍ରମୁଖ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2021-T-117, ତା.09.06.2021ରିଖ

କାର୍ଯ୍ୟର ନାମ : 730 ଦିନ (2021-23) ନିମନ୍ତେ ସମ୍ବଲପୁର ମଣ୍ଡଳରେ ରେଢ଼ାଖୋଲ (RAIR) ଠାରେ ଲିଫ୍ଟ ର ପରିଚାଳନା ଏବଂ ବିଭିନ୍ନ ଷ୍ଟେସନଗୁଡ଼ିକରେ ବିଭିନ୍ନ କ୍ଷମତା ବିଶିଷ୍ଟ ପମ୍ପ ସେଟ୍‌ଗୁଡ଼ିକର ପରିଚାଳନା ।

ଆନୁମାନିକ ମୂଲ୍ୟ (ଟଙ୍କାରେ): 1,45,75,530.40,

ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-,

ଶେଷ ହେବା ଅବଧି: 24 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.07.2021ରିଖ 1530 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ), ସମ୍ବଲପୁର

PR-153/M/21-22




**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୩।୦୬।୨୦୨୧

୧୯୯୭ ଟଙ୍କା



**ଆସୁଛି ସ୍ନାନଯାତ୍ରା:** ସେବକମାନେ ରବିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହାତୀବେଶ ନିର୍ମାଣରେ ବ୍ୟସ୍ତ।

## କରୋନାରେ ମୃତ ଖବରଦାତାଙ୍କ ପରିବାରକୁ ସହାୟତା

**ପିପିଲି, ୧୩।୬(ଡି.ଏନ.ଏ)**

କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ପୁରୀ ଜିଲା ପିପିଲିର ଖବରଦାତା ସୁକାନ୍ତ ବେହେରାଙ୍କ ପରିବାରକୁ ରବିବାର ପିପିଲିର କାର୍ଯ୍ୟରତ ଖବରଦାତାଙ୍କ ଏକ ପ୍ରତିନିଧି ମଣ୍ଡଳୀ ଭେଟିଛନ୍ତି। ମଣ୍ଡଳୀର କର୍ମକର୍ତ୍ତାମାନେ ସ୍ୱର୍ଗତ ସୁକାନ୍ତଙ୍କ ପିପିଲିର ଅରିଶଳସ୍ଥିତ ବାସଭବନରେ ପହଞ୍ଚି ପରିବାର ଲୋକଙ୍କ ସହ କଥା ହୋଇଥିଲେ । ସୁକାନ୍ତଙ୍କ ସାନଭାଇଙ୍କୁ ପିପିଲି କାର୍ଯ୍ୟରତ ଖବରଦାତାଙ୍କ ଦ୍ୱାରା ୧୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ୨୪୩ ସଂକ୍ରମିତ ଚିହ୍ନଟ

**ପୁରୀ ଅଫିସ, ୧୩।୬**

ପୁରୀ ଜିଲାରେ ରବିବାର ୨୪୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ସହରରୁ ୧୯ ଓ ପୁରୀ ସଦରରୁ ୩୩ ଜଣ ପଜିଟିଭ୍ ବାହାରିଛନ୍ତି। ସେହିଭଳି ପିପିଲିରୁ ୩୦, ଗୋପରୁ ୩୬, ନିମାପଡ଼ାରୁ ୨୪, ଅସ୍ତରଙ୍ଗରୁ ୨୧, ବ୍ରହ୍ମଗିରିରୁ ୧୩, ଡେଲାଙ୍ଗରୁ ୧୦, କୋଣାର୍କରୁ ଜଣେ ଓ କୃଷ୍ଣପ୍ରସାଦରରୁ ୨ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶେଷ ଏକ ସପ୍ତାହ ଧରି ଗ୍ରାମାଞ୍ଚଳରେ ବଢ଼ିବାରେ ଲାଗିଛି।

**ସଂକ୍ଷେପରେ**

## ‘ନିଃସ୍ୱାର୍ଥ ସେବାରୁ ଆତ୍ମସନ୍ତୋଷ ମିଳେ’

**ପୁରୀ ଅଫିସ, ୧୩।୬:** ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ଯୁବଶକ୍ତି ଆନୁକୂଲ୍ୟରେ ରବିବାର ‘ନିଃସ୍ୱାର୍ଥ ସେବା ହିଁ ଆତ୍ମସନ୍ତୋଷ ପ୍ରଦାନ କରିଥାଏ’ ଶୀର୍ଷକ ଆଲୋଚନାଚକ୍ର ଭର୍ଚ୍ଚୁଆଲ ମାଧମରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସୁକାନ୍ତ କୁମାର ମହାନ୍ତିଙ୍କ ଆହ୍ୱାନ କ୍ରମେ ଏହି ବୈଠକ ହୋଇଥିଲା। ଏଥିରେ ଲକ୍ଷ୍ମୀନାରାୟଣ ମଲିକ ଅଧକ୍ଷତା କରିଥିଲେ। ଅତିଥି ଭାବେ ପ୍ରଫେସର ମହେଶ୍ୱର ଦାଶ ଯୋଗଦେଇ ନିଃସ୍ୱାର୍ଥ ସେବାରୁ ଆତ୍ମସନ୍ତୋଷ ମିଳିଥାଏ ବୋଲି କହିଥିଲେ। ଶିକ୍ଷାବିତ୍ ନୀରବ ବରନ ଖୁଣ୍ଟିଆ ଏହି କରୋନା ମହାମାରୀ ସମୟରେ କରୋନା ସଂକ୍ରମିତ ଓ ଗରିବ ଲୋକଙ୍କ ପ୍ରତି ହାତ ବଢ଼ାଇବା ପାଇଁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷାବିତ୍ ହରେକୃଷ୍ଣ ଶତପଥୀ, ପୁଷ୍ପାଞ୍ଜଳି ବେହେରା, ନୟନା ବରାଳ ଏବଂ ପ୍ରଳୟ୍ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୁକାନ୍ତ କୁମାର ମହାନ୍ତି ଓ ନିବେଦିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମନ୍ଦିର ସେବାୟତଙ୍କୁ ରାଶନ ବଣ୍ଟନ

**ସାକ୍ଷୀଗୋପାଳ/କାକଟପୁର/ ବ୍ରହ୍ମଗିରି, ୧୩।୬(ଡି.ଏନ୍.ଏ.):** କରୋନାରେ ପ୍ରଭାବିତ ପୁରୀ ଜିଲାର ବିଭିନ୍ନ ମନ୍ଦିର ସେବାୟତଙ୍କୁ ଓଡ଼ିଶା ମନ୍ଦିର ସେବାୟତ ସଂଘ ଆନୁକୂଲ୍ୟରେ ରୁଚି କମ୍ପାନୀ ସହଯୋଗରେ ରବିବାର ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ପିପିଲି ପତିତପାବନ ମନ୍ଦିରର ୧୦, ଦାଣ୍ଡମୁକୁନ୍ଦପୁର ଗୋପାଳ ମନ୍ଦିରର ୧୫, ଉତ୍ତରାୟଣୀ ମନ୍ଦିର (ସାତସଙ୍ଖ)ର ୬, ସାକ୍ଷୀଗୋପାଳ ମନ୍ଦିରର ୧୫, ଶିରୁଳି ମହାବୀର ମନ୍ଦିରର ୨୫, ବ୍ରହ୍ମଗିରି ଅଲାରନାଥ ମନ୍ଦିରର ୩୨, ମା’ ବାଟ ମଙ୍ଗଳା ମନ୍ଦିରର ୧୦, କାକଟପୁର ମନ୍ଦିରର ୩୦ ସେବାୟତଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀ ସଭାପତି ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଓଡ଼ିଶା ମନ୍ଦିର ସେବାୟତ ସଂଘ ରାଜ୍ୟ ସମ୍ପାଦକ ସିଂହାରୀ ଅଲୋକ ଖୁଣ୍ଟିଆ, ସଚେତକ ସୁବାସ ମିଶ୍ର, ସଦସ୍ୟ ସୁଦର୍ଶନ ମିଶ୍ର ଉପସ୍ଥିତ ଥିଲେ। ଅନ୍ୟ ମନ୍ଦିର ପୂଜକଙ୍କୁ ରାଶନ ସାମଗ୍ରୀ ଖୁବଶିଘ୍ର ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି।

# ଉଚ୍ଚ ନ୍ୟାୟାଳୟରେ ରାସ୍ତା ନିର୍ମାଣ ମାମଲା

**ସାକ୍ଷୀଗୋପାଳ, ୧୩।୬(ଡି.ଏନ.ଏ)**

ପୁରୀ ଜିଲା ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ଯାଇଥିବା ଅଠେଇଶ ଓ ଦୁଗଲ ଗ୍ରାମରାସ୍ତାକୁ ପରିବର୍ତ୍ତନ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ନୂତନ ରାସ୍ତା ନିର୍ମାଣ କରାଯିବା ନେଇ ହୋଇଥିବା ଅଭିଯୋଗ ମାମଲା ଉଚ୍ଚ ନ୍ୟାୟାଳୟକୁ ଯାଇଛି। ପୁରାତନ ରାସ୍ତାଟିକୁ ବନ୍ଦ ନ କରି ଗୋଚର ଜମିରେ ନିର୍ମାଣ କରାଯାଉଥିବା ନୂତନ ରାସ୍ତାଟିକୁ ବନ୍ଦ କରିବା ନିମନ୍ତେ ସୁରମା ସ୍ୱାଇଁଙ୍କ ସମେତ ୫ ଜଣ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟଙ୍କ ଇଜଲାସରେ ଡବ୍ଲ୍ୟୁପିସି ୧୭୦୧୦/୨୧ ଦାଖଲ କରିଥିଲେ। ଏହି ମାମଲାର ବିଚାରପତି ବିଶ୍ୱନାଥ ରଥଙ୍କ ଅଦାଲତରେ ହୋଇଥିଲା। ବିଚାରପତି ଅଭିଯୋଗର ଶୁଣାଣି କରି ଅଦାଲତ ୬ ସପ୍ତାହ ମଧ୍ୟରେ ଉପଯୁକ୍ତ ନିଷ୍ପତ୍ତି ନେବା ନିମନ୍ତେ ପୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀମାନଙ୍କ ପକ୍ଷରୁ ଆଇନଜୀବୀ ବିନାୟକ ପ୍ରସାଦ ମହାନ୍ତି ମାମଲା ପରିଚାଳନା କରିଥିଲେ।

# ରାସ୍ତା ମଝିର ଗର୍ତ୍ତ ପୋତାଗଲା

**ଅସ୍ତରଙ୍ଗ, ୧୩।୬(ଡି.ଏନ୍.ଏ.)**

**ଧରିତ୍ରୀ ପ୍ରଭାବ**



ଅସ୍ତରଙ୍ଗ- ନୂଆଗଡ ରାସ୍ତା ମଝିରେ ସୃଷ୍ଟି ହୋଇଥିବା ଏକ ବଡ଼ ଗର୍ତ୍ତକୁ ନେଇ ରବିବାର ଖବର ପ୍ରକାଶ ପାଇବା ପରେ ପୂର୍ତ୍ତ ବିଭାଗ ତତ୍ପରତା ଦେଖାଇ ଠିକାଦାର ମରାମତି କରିଛି। ପୂର୍ତ୍ତବିଭାଗ ଜଣେ ଠିକାଦାର ପହଞ୍ଚି ସୃଷ୍ଟି ହୋଇଥିବା ଗର୍ତ୍ତ ତୁରନ୍ତ ମରାମତି କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ରାସ୍ତାରେ କିଛିଦିନ ହେବ ଏକ ବଡ଼ ଖାଲ ସୃଷ୍ଟି ହୋଇଥିଲା। ରାସ୍ତା କାର୍ଯ୍ୟ ବର୍ଷେ ତଳେ ହୋଇଥିଲେ ମଧ୍ୟ ନିମ୍ନମାନର ଯୋଗୁ ଏପରି ହୋଇଥିବା ଗ୍ରାମବାସୀ ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ ରବିବାର ଧରିତ୍ରୀରେ ‘ଅସ୍ତରଙ୍ଗରୁ ନୂଆଗଡ଼ ରାସ୍ତା ମଝିରେ ଗର୍ତ୍ତ’ ନାମକ ଶୀର୍ଷକ ଖବର ବାହାରିଥିଲା। ଖବର ପ୍ରକାଶ ପାଇବାର ବିଭାଗୀୟ ଅଧିକାରୀଙ୍କ ନଜରକୁ ଆସିବା ପରେ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ମନଇଚ୍ଛା ଦର ନେଉଛନ୍ତି ଘରୋଇ ଆମ୍ବୁଲାନ୍ସ

**ପୁରୀ ଅଫିସ, ୧୩।୬**

- ସରକାରୀ ଗାଇଡ୍‌ଲାଇନ୍ ମାନୁନାହାନ୍ତି
- ଅଭିଯୋଗ ପାଇଁ ଟୋଲ୍ ଫ୍ରି ନମ୍ବର ଜାରି ହେଉ

ରାଜ୍ୟ ସରକାର ସାଧାରଣ ଆମ୍ବୁଲାନ୍ସ ସେବା ପାଇଁ ପ୍ରତି ୧୦ କିଲୋମିଟରକୁ ୭୫୦ ଟଙ୍କା ଭଡ଼ା ଧାର୍ଯ୍ୟ କରିଛନ୍ତି। ଏହାପରେ କି.ମି. ପିଛା ୩୦ ଟଙ୍କା ନିର୍ଦ୍ଧାରିତ ହୋଇଥାଏ। ଯେଉଁ ଆମ୍ବୁଲାନ୍ସରେ ଲାଇଫ୍ ସପୋର୍ଟ ସିଷ୍ଟମ ଥାଏ, ତା’ର ୧୦ କି.ମି. ମଧ୍ୟରେ ଦର ୩ହଜାର ଓ ୧୦କି.ମି.ରୁ ଅଧିକ ହେଲେ କି.ମି. ପିଛା ୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ସରକାରୀ ଗାଇଡଲାଇନ୍। ମାତ୍ର ଘରୋଇ ସଂସ୍ଥାର ଆମ୍ବୁଲାନ୍ସଗୁଡ଼ିକ କରୋନା ମହାମାରୀ ସ୍ଥିତିରେ ଏହି ଗାଇଡ୍‌ଲାଇନ୍‌ର ଉଲ୍ଲଂଘନ କରି ରୋଗୀଙ୍କ ସମ୍ପର୍କୀୟଙ୍କୁ ଲୁଟିବାରେ ଲାଗିଛନ୍ତି। ପୂର୍ବଭଳି ବର୍ତ୍ତମାନ ସମୟରେ ଆବଶ୍ୟକ ସଂଖ୍ୟକ ସରକାରୀ ଆମ୍ବୁଲାନ୍ସ ଉପଲବ୍ଧ ହେଉ ନାହିଁ। ଫଳରେ ବେସରକାରୀ ଆମ୍ବୁଲାନ୍ସର ମାଲିକମାନେ ଏହାର ଫାଇଦା ଉଠାଉଛନ୍ତି। ପୁରୀରୁ କଟକ ବଡ଼ ମେଡ଼ିକାଲକୁ ରୋଗୀଙ୍କୁ ବେସରକାରୀ ଆମ୍ବୁଲାନ୍ସରେ ନେବାକୁ ହେଲେ ୬ରୁ ୭ହଜାର ଟଙ୍କା ଦେବାକୁ ପଡୁଛି। ଜରୁରିକାଳୀନସ୍ଥିତିରେ ଏହି ଦର ଆହୁରି ବଢ଼ିଯାଉଛି। ସାଧାରଣ ଲୋକେ ବ୍ୟସ୍ତବିବ୍ରତ ହୋଇ ଅଧିକ ଭଡ଼ା ଦେବାକୁ ବାଧ ହେଉଛନ୍ତି। ପୁରୀ ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲର ଦୂରତା ପ୍ରାୟ ୮୦କି.ମି. ହୋଇଥିବାବେଳେ ସରକାରୀ ମୂଲ୍ୟ ଅନୁଯାୟୀ ଦର ୩ହଜାର ଟଙ୍କା ହେବା କଥା। ମାତ୍ର ଘରୋଇ ଆମ୍ବୁଲାନ୍ସଗୁଡ଼ିକ ୫ରୁ ୬ହଜାର ଟଙ୍କା ପର୍ଯ୍ୟନ୍ତ ଦାବି କରୁଛନ୍ତି। ପୁରୀ ତାଳବଣିଆ ବାସିନ୍ଦା ନୟନ ବରାଳ କହିଛନ୍ତି, କିଛିଦିନ ତଳେ ତାଙ୍କ ବଡ଼ ପୁଅଙ୍କର ଦୁର୍ଘଟଣା ଘଟିବାରୁ ଜରୁରିକାଳୀନ ସ୍ଥିତିରେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଗଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ବାଧହୋଇ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ପୁରୀରୁ ସମ୍ପୃକ୍ତ ହସ୍ପିଟାଲ୍‌ର ଦୂରତା ୬୦ କି.ମି.ରୁ ମଧ୍ୟ କମ୍ ହେବ। ମାତ୍ର ଏକ ବେସରକାରୀ ଆମ୍ବୁଲାନ୍ସ ସଂସ୍ଥା ଭଡ଼ା ବାବଦକୁ ତାଙ୍କଠାରୁ ୩ ହଜାର ୫ଶହ ଟଙ୍କା ନେଇଛି। ପୁଅ ସ୍ୱାସ୍ଥ୍ୟବସ୍ଥା ଅତି ଗୁରୁତର ଥିବାରୁ ସେ ଯୁକ୍ତି ନ କରି ଭଡ଼ା ପଇଠ କରିଥିଲେ। ସେ ଆହୁରି କହିଛନ୍ତି, ପ୍ରଚାର ଅଭାବରୁ ସାଧାରଣ ଲୋକେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଭଡ଼ା ବିଷୟରେ ଜାଣିପାରୁନାହାନ୍ତି। ସେହିଭଳି ଆଉ ଏକ ବଡ଼ ସମସ୍ୟା ହେଉଛି ଘରୋଇ ଆମ୍ବୁଲାନ୍ସ ଅଧିକ ଦର ନେଲେ କାହା ପାଖରେ ଅଭିଯୋଗ କରାଯିବ ସେନେଇ ଲୋକେ ଜାଣିପାରୁନାହାନ୍ତି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିରଜା ଶଙ୍କର ରଥ କହିଛନ୍ତି, ସରକାରୀ ଆମ୍ବୁଲାନ୍ସ ଏକ ନିର୍ଦ୍ଦିଷ୍ଟ ଦରରେ କାର୍ଯ୍ୟ କରେ। କିଲୋମିଟର ପିଛା ୭ଟଙ୍କା ନିଆଯାଏ। ତେବେ ବେସରକାରୀ ଆମ୍ବୁଲାନ୍ସ ଅଧିକ ଦର ନେଲେ ସେସବୁ ଅଭିଯୋଗର ତର୍ଜମା କିମ୍ବା କାର୍ଯ୍ୟାନୁଷ୍ଠାନ ଦାୟିତ୍ୱ ଆମର ନୁହେଁ। ଅନ୍ୟପକ୍ଷରେ ସାମାଜିକ କର୍ମୀ ବିଶ୍ୱଜିତ୍ ମହାନ୍ତି ମତ ରଖି କହିଛନ୍ତି, ବେସରକାରୀ ଆମ୍ବୁଲାନ୍ସ ମାଲିକଙ୍କ ଦୌରାତ୍ମ୍ୟ ରୋକିବା ପାଇଁ ପୋଲିସ ଏକ ଟୋଲ୍ ଫ୍ରି ନମ୍ବର ଜାରି କରିପାରିବ। ଉକ୍ତ ନମ୍ବରରେ କଲ୍ କରି ଲୋକେ ଅଧିକ ଦର ମାଗୁଥିବା ବେସରକାରୀ ଆମ୍ବୁଲାନ୍ସ ବିରୋଧରେ ଅଭିଯୋଗ ଦାଖଲ କରିପାରିବେ। ନୋଏଡ଼ା ପୋଲିସ ଗତ ଏପ୍ରିଲଠାରୁ ଏଭଳି କରି ସହରବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛି।


DSPL-51



**ବିଶ୍ୱ ରକ୍ତଦାତା ଦିବସ**
୧୪ ଜୁନ୍ ୨୦୨୧

**ବାର୍ତ୍ତା**

ଜୁନ୍ ୧୪ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ସମସ୍ତ ରକ୍ତଦାତା ଏବଂ ରକ୍ତଦାନ କ୍ଷେତ୍ରରେ ନିରନ୍ତର କାର୍ଯ୍ୟରତ ଅନୁଷ୍ଠାନମାନଙ୍କର କର୍ମକର୍ତ୍ତା ଏବଂ ସଦସ୍ୟ ମାନଙ୍କୁ ସାଧୁବାଦ ଜଣାଉଛି । ରକ୍ତର ବିକଳ୍ପ ନାହିଁ, ରକ୍ତଦାନ ଜୀବନ ଦାନ । କରୋନା ମହାମାରୀ ସମୟରେ ରକ୍ତଦାନ କରି ଦୁର୍ଲ୍ଲଭ ଜୀବନ ବଞ୍ଚାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ସମସ୍ତ ରକ୍ତଦାତାଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଆସନ୍ତୁ, ବିଶ୍ୱ ରକ୍ତଦାତା ଦିବସରେ ସମସ୍ତେ ଶପଥ ନେବା, ରକ୍ତଦାନ କରି ଅମୂଲ୍ୟ ମାନବ ଜୀବନ ବଞ୍ଚାଇବାରେ ନିଜର ଯୋଗଦାନ ଦେବା ସହିତ ସୁସ୍ଥ ସମାଜ ଗଠନ ନିମନ୍ତେ ସହଯୋଗର ହାତ ବଢାଇବା । ରକ୍ତଦାନ ମହାପୂଣ୍ୟ, ରକ୍ତଦାନ କରି ଏହି ମହାପୂଣ୍ୟ ଅର୍ଜନ କରିବା।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ବିଶ୍ୱ ରକ୍ତଦାତା ଦିବସ**
୧୪ ଜୁନ୍ ୨୦୨୧

**ବାର୍ତ୍ତା**

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସାରା ବିଶ୍ୱରେ ଜୁନ୍ ୧୪ ତାରିଖକୁ ବିଶ୍ୱ ରକ୍ତଦାତା ଦିବସ ରୂପେ ପାଳନ କରାଯାଉଛି । ଆଜିର ଏହି ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ଲକ୍ଷ ୫୦ ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କ ଦାୟିତ୍ୱ । ଏଥିପାଇଁ ସ୍ୱତପ୍ରବୃତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡି ପଡୁଥିବା ଅମୂଲ୍ୟ ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିବା । ଆଜିର ଏହି ଦିବସରେ ସମସ୍ତେ ସଙ୍କଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ କରି ଶୁଖିଲା ମୁହଁରେ ହସ ଭରିବା, ଅନ୍ୟକୁ ବଞ୍ଚାଇ ନିଜେ ହସିବା ।

ବର୍ତ୍ତମାନ କରୋନା ମହାମାରୀ ସଙ୍କଟ ସମୟରେ ସ୍ୱତପ୍ରବୃତ୍ତ ଭାବରେ ରକ୍ତଦାନ କରି ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କ ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ଦେବଦୂତ ସାଜୁଥିବା ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ତଥା କରୋନା ଯୋଦ୍ଧାମାନଙ୍କୁ ମୋର ଅନେକ ଅନେକ ଆନ୍ତରିକ ଶୁଭେଚ୍ଛା ।

ନବକିଶୋର ଦାସ
(ନବ କିଶୋର ଦାସ)
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା ସରକାର

OIPR-10003/13/0034/2122

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୪ ଜୁନ୍, ୨୦୨୧



## ମହିଳା ନିଖୋଜ ନେଇ ଅଭିଯୋଗ

**ବେଗୁନିଆ,(ଡି.ଏନ୍.ଏ.):** ବେଗୁନିଆ ଥାନା ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ମୁରଲୀଧର ସାହୁଙ୍କ ସ୍ତ୍ରୀ ତିଲୋତ୍ତମା କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ତିଲୋତ୍ତମା ସବୁଦିନ ଭଳି ଶୁକ୍ରବାର ସକାଳ କାର୍ଯ୍ୟ ସାରି ୯ଟାରେ ଗାଧୋଇବା ପାଇଁ ନିକଟ ପୋଖରୀକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ଏନେଇ ଶନିବାର ରାତିରେ ମୁରଲୀଧର ଅଭିଯୋଗ କରିବା ସହ ପୋଲିସର ସହାୟତା ଲୋଡ଼ିଥିଲେ।

# ସଂକ୍ଷେପରେ

## ୩୪ ପଜିଟିଭ୍, ୧୫୫ ସୁସ୍ଥ

**ଖୋର୍ଦ୍ଧା ଅଫିସ,୧୩ା୬:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ ରବିବାର ୩୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୫୫ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨, ବାଲିପାଟଣା ୨, ଭୁବନେଶ୍ୱର ବ୍ଲକ ୮, ଜଟଣୀ ୩, ଖୋର୍ଦ୍ଧା ୪, ବେଗୁନିଆ ୧, ବୋଲଗଡ଼ ୨, ଟାଙ୍ଗୀ ୬, ଚିଲିକା୨ ଏବଂ ବାଣପୁରର ୪ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ରବିବାର ସୁଦ୍ଧା ୩,୬୯,୨୦୫ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୩,୮୦୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୨,୫୭୭ଜଣ ସୁସ୍ଥ ହୋଇଛନ୍ତି। ୬୯ଜଣଙ୍କ ମୃତ୍ୟୁ ଘଟିଛି। ୧,୧୬୩ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

## ମଦ ଜବତ: ୨ ଗିରଫ

**ଖୋର୍ଦ୍ଧା ଅଫିସ,୧୩ା୬:** ଲକ୍‌ଡାଉନ ସମୟରେ ଚୋରା ମଦ ବିକ୍ରି କାରବାର ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଖୋର୍ଦ୍ଧା ପୁରୁଣା ମେଡିକାଲ ଛକ ପେଟ୍ରୋଲ ପମ୍ପ ନିକଟରେ ବେଆଇନ ଭାବେ ମଦ ବିକ୍ରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ଥାନା ବଣିଆର ଲୁଲୁ ବେହେରା(୩୫) ଓ ଇଟାମାଟିର ସୁବଳ ବେହେରା (୨୫)। ଏମାନଙ୍କଠାରୁ ସାଢେ ୧୪ଲିଟର ବିଦେଶୀ ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୩୪/୨୧) ରୁଜୁ ହୋଇଛି। ଏହି ଚଢ଼ାଉରେ ଏସ୍‌ଆଇ ପି.ଏଲ.ବେହେରା, ରଶ୍ମିରଞ୍ଜନ ଦାସଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

## ଆକ୍ରମଣ ଘଟଣାରେ ଗିରଫ

**ଖୋର୍ଦ୍ଧା ଅଫିସ,୧୩ା୬:** ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଜରିପୁଟ ଗ୍ରାମର ସୁରେଶ ସେନାପତିଙ୍କ ଘରେ ପଶି ଆକ୍ରମଣ ଘଟଣାରେ ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଜରିପୁଟ ଜାମୁସାହିର ହରି ଓରଫ୍ ହରେକୃଷ୍ଣ ମାର୍ଥା(୪୨)। ସୂଚନା ଅନୁଯାୟୀ, ଗତ ଏପ୍ରିଲ ୨୨ତାରିଖ ସନ୍ଧ୍ୟାରେ ଜାମୁସାହିର କେତେଜଣ ଯୁବକ ଗ୍ରାମର ଅନ୍ୟ ଜଣେ ଯୁବକଙ୍କୁ ଆକ୍ରମଣ କରୁଥିଲେ। ଏହି ସମୟରେ ସୁରେଶ ସେଠାରେ ପହଞ୍ଚି ହସ୍ତକ୍ଷେପ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଆକ୍ରମଣକାରୀମାନେ ସୁରେଶଙ୍କ ଘରେ ପଶି ପରିବାର ଲୋକଙ୍କୁ ଆକ୍ରମଣ କରିବା ସହିତ ଘରର ଆସବାବପତ୍ର ଫିଙ୍ଗି ଥିଲେ। ଏନେଇ ସୁରେଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## କୁଶମାଟି ଜଗନ୍ନାଥ ମନ୍ଦିରରୁ ଚୋରି

**ଜଟଣୀ,୧୩ା୬(ଡି.ଏନ୍.ଏ.):** କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଜଟଣୀ ଥାନା ଅଞ୍ଚଳରେ ଚୋରମାନେ ସକ୍ରିୟ ହୋଇଉଠିଛନ୍ତି। ଶନିବାର ରାତିର ଛଣଘର ପଞ୍ଚାୟତର କୁଶମାଟି ଜଗନ୍ନାଥ ମନ୍ଦିରରୁ କେହି ଦୁର୍ବୃତ୍ତ ହୁଣ୍ଡି ବାକ୍ସରୁ ଟଙ୍କା, ଠାକୁରଙ୍କ ବ୍ୟବହୃତ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଶନିବାର ରାତିରେ ରୀତିନୀତି ମୁତାବକ ଠାକୁରଙ୍କ ସେବା ପରେ ପହଡ଼ ପଡ଼ିଥିଲା। ରବିବାର ସକାଳେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଶୁଭେନ୍ଦୁ ମୋହନ ପରିଡା ମନ୍ଦିର ଖୋଲିବା ପାଇଁ ଆସିବାବେଳେ ମନ୍ଦିର ମୁଖ୍ୟ ଦ୍ୱାର ତାଲା ଭାଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏଥିସହ ମନ୍ଦିର ହୁଣ୍ଡି ଏବଂ ଦୁଇଟି ବାକ୍ସରୁ ସମସ୍ତ ଅର୍ଥ ଏବଂ ଠାକୁରଙ୍କ ବ୍ୟବହୃତ ସାମଗ୍ରୀ ଚୋରି ହୋଇଥିବା ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ଖଡ଼ିପଦର ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

**ବେଗୁନିଆ,୧୩ା୬(ଡି.ଏନ୍.ଏ.):** କରୋନା ପଜିଟିଭ୍ ଚିହ୍ନଟ ପରେ ଜିଲା ପ୍ରଶାସନ ପକ୍ଷରୁ ବେଗୁନିଆ ବ୍ଲକ ସିକୋ ପଞ୍ଚାୟତ ଅନ୍ତର୍ଗତ ଖଡିପଦର ଗାଁକୁ ୧୦ଦିନ ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ରବିବାର ସନ୍ଧ୍ୟା ୭ଟାରୁ ଆସନ୍ତା ୨୨ତାରିଖ ରାତି ୯ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି ଗ୍ରାମର ୧୦ପରିବାର ଓ ୫୦ଜଣ ଲୋକଙ୍କ ପାଇଁ ସରକାରୀ ଓ ବେସରକାରୀ କାର୍ଯ୍ୟ ବନ୍ଦ ରହିବା ସହ ଜନଗହଳିକୁ ରୋକିବା ପାଇଁ ଆଦେଶନାମା ଜାରି କରାଯାଇଛି। ଗ୍ରାମର ଚତୁଃପାର୍ଶ୍ୱ ସାନିଟାଇଜ୍ ପାଇଁ ଅଗ୍ନିଶମ ବିଭାଗକୁ ଅବଗତ କରାଯାଇଛି। ସେହିପରି ବାଘମାରି ପଞ୍ଚାୟତ ଅତ୍ରି ଗାଁକୁ ଶନିବାର ସନ୍ଧ୍ୟା ୭ଟାରୁ ଆସନ୍ତା ୨୧ତାରିଖ ରାତି ୯ଟା ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ କରାଯାଇଛି।

# ମହାପ୍ରଭୁଙ୍କ ସେବାରେ ରାଉତପଡ଼ା ବୁଣାକାର

ପ୍ରଭାତ କୁମାର ପାଣିଗ୍ରାହୀ
ଖୋର୍ଦ୍ଧା ଅଫିସ,୧୩ା୬

### ଶ୍ରୀକ୍ଷେତ୍ରରେ ପହଞ୍ଚିଲା ପାଟବସ୍ତ୍ର, ସୂତାଲୁଗା

ଜୁଲାଇ ୧୨ରେ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା। ଏଥର ବିବିନା ଭକ୍ତରେ ହେବ ରଥଯାତ୍ରା। ରଥଖଳାରେ ମହାପ୍ରଭୁଙ୍କ ତିନି ରଥ ନିର୍ମାଣ କାର୍ଯ୍ୟ ତ୍ୱରିତ ଗତିରେ ଆଗେଇ ଚାଲିଛି। ରଥଯାତ୍ରା ଲାଗି ମହାପ୍ରଭୁଙ୍କ ସୂତାଲୁଗା ଓ ପାଟବସ୍ତ୍ର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ଦୀର୍ଘ ୨୭ବର୍ଷ ହେବ ରଥଯାତ୍ରା ଏବଂ ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣି ଲାଗି ସୂତା ଓ ପାଟବସ୍ତ୍ର ଏହି ଗ୍ରାମର ଗୋପୀନାଥ ଦାସଙ୍କ ପରିବାର ଯୋଗାଇ ଆସୁଛନ୍ତି। ଲକ୍‌ଡାଉନ ଯୋଗୁ କଞ୍ଚାମାଲ ପାଇବାରେ ବିଳମ୍ବ ହୋଇଥିଲେ ମଧ୍ୟ ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାମ ଠିକ୍ ସମୟରେ ସରିଛି ବୋଲି ବୁଣାକାର ଗୋପୀନାଥ ଦାସ କହିଛନ୍ତି।

ଚଳିତ ରଥଯାତ୍ରା ଲାଗି ଚେହେଲି ପାଟ, ବଡସିଂହାର ଲାଗି ଗୀତଗୋବିନ୍ଦ ପାଟ, ସାତବାର ଲାଗି ୭ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ଦୁଇ ପ୍ରକାର ଘୋଡଣି, ଦେବସ୍ନାନ ପୂର୍ଣ୍ଣମୀ ୧୦୮ଗରାବଡୁ ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ ଲେଖାଏ ଚେହେଲି ପାଟ ପ୍ରସ୍ତୁତ ହୋଇ ପଠାଯାଇଛି। ବଡସିଂହାର ବେଶ ଲାଗି (ଗୀତଗୋବିନ୍ଦ ବହିର ତୃତୀୟ ପୟାର ପ୍ରଥମ ଶ୍ଳୋକ-କଂସାରୀ ରପି ସଂସାର, ବାସନାବଦ୍ଧ ଶୃଙ୍ଖଳା, ରାଧାମାଧାୟ ହୃଦୟେ, ତ୍ୟୋଜ ବ୍ରଜସୁନ୍ଦରୀଃ) ଏବଂ ଚନ୍ଦନ ଚର୍ଚ୍ଚିତ ନୀଳକଳେବର ପୀତବସନ ବନମାଳୀ କେଳି ଚଳନ୍ମଣି କୁଣ୍ଡଳ ମଣ୍ଡିତ ଗଣ୍ଡଯୁଗ ସ୍ମିତଶାଳୀ ଲେଖାଥିବା ଗୀତଗୋବିନ୍ଦ ପାଟ ରହିଛି। ସେହିପରି ସପ୍ତବିଗ୍ରହ ଯଥା ମାଧବ, ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀଙ୍କ ଲାଗି ସୂତାର ୨ପ୍ରକାର ଘୋଡଣି ସମେତ ମହାପ୍ରଭୁଙ୍କ ବର୍ଷସାରା ଅନ୍ୟ ସେବା ଲାଗି ୩୦ରୁ ୩୫ ପ୍ରକାର ଲୁଗା ଯଥା ନେତଫୁଟା, ବୋଇରାଣୀ, ପଠନୀ, ଟଣାଖୋସା, ମଲମଲ, ଶ୍ରୀମୁଖ ଓଡା, ଗଦିଫୁଟା ଆଦି ବସ୍ତ୍ର ପଠାଯାଇଛି।

ରାଉତପଡ଼ା ସେବା ସମବାୟ ସମିତିରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ବୁଣାକାର ରହିଛନ୍ତି। ବର୍ଷସାରା ହସ୍ତତନ୍ତ ଲୁଗା, ଗାମୁଛା, ବାନ୍ଧେଣୀ ଶାଢୀ, ବିଭିନ୍ନ ପ୍ରକାର ପାଟ ଓ ସୂତା ଲୁଗା ବୁଣୁଛନ୍ତି। ଗୋପୀନାଥଙ୍କ କହିବାନୁଯାୟୀ, ବାପା ମଧୁସୂଦନ ୧୯୯୩ ମସିହାରେ ମହାପ୍ରଭୁଙ୍କ ଏହି ଅନନ୍ୟ ସେବା ପାଇବାର ସୁଯୋଗ ପାଇଥିଲେ। ଏହା ପରଠାରୁ ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣି ଲାଗି ସୂତା ଲୁଗା ଓ ପାଟବସ୍ତ୍ର ଯୋଗାଇ ଆସୁଛନ୍ତି ଏହି ବୁଣାକାର ପରିବାର। ଏହି ସେବାରେ ଆମ ପରିବାର ସମେତ ଗ୍ରାମର ୨୫ ପରିବାରର ସଦସ୍ୟ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ୧୯୯୬ ଓ ୨୦୧୫ ନବକଳେବର ଏବଂ ୨୦୨୦ ନାଗାର୍ଜୁନ ବେଶ ଲାଗି ସୂତା ଓ ପାଟବସ୍ତ୍ର ପଠାଇବାର ସୁଯୋଗ ପାଇଥିବା ସେ କହିଛନ୍ତି। ଏହି ସେବାରେ ଗୋପୀନାଥଙ୍କ ଭାଇ ରାମଚନ୍ଦ୍ର, ଭଗବାନ ଓ ଗୋବିନ୍ଦଚନ୍ଦ୍ରଙ୍କ ପରିବାରର କୈଳାସ, ରବୀନ୍ଦ୍ର, ଅଶୋକ, ନିମାଇ ଚରଣ କୁଣ୍ଟ, କାର୍ତ୍ତିକେଶ୍ୱର ପାତ୍ର ପ୍ରମୁଖ ପରିବାର ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିଥିବାରୁ ଅପୂର୍ବ ଆନନ୍ଦ ମିଳେ ବୋଲି ବୁଣାକାରମାନେ କହିଛନ୍ତି।


ମହାପ୍ରଭୁଙ୍କ ସୂତା ଓ ପାଟବସ୍ତ୍ର ସହ ବୁଣାକାର ପରିବାର।

### ପ୍ରତି ସମୟରେ ମହାପ୍ରଭୁଙ୍କୁ ଅନୁଭବ କରେ

ମହାପ୍ରଭୁଙ୍କ ଅନନ୍ୟ ସେବକ ହେଉଛନ୍ତି ରାଉତପଡ଼ାର ବୁଣାକାର ଦିବ୍ୟାଙ୍ଗ କାର୍ତ୍ତିକେଶ୍ୱର ପାତ୍ର। ତାଙ୍କ ବାପାଙ୍କ ଦେହାନ୍ତ ପରେ ସେ ଗୋପୀନାଥଙ୍କ ସଂସ୍ପର୍ଶରେ ଆସି ହସ୍ତତନ୍ତ ଲୁଗା ବୁଣିବା ଆରମ୍ଭ କରିଥିଲେ। ଅଭିଜ୍ଞତା ବଢିବା ପରେ ୧୫ବର୍ଷ ବୟସରେ ମହାପ୍ରଭୁଙ୍କ ଲାଗି ପାଟବସ୍ତ୍ର ବୁଣିବା ଆରମ୍ଭ କରିଥିଲେ। ଏବେ ମହାପ୍ରଭୁଙ୍କ ବଡସିଂହାର ବେଶ ଲାଗି ଗୀତଗୋବିନ୍ଦ ଲେଖାଥିବା ପାଟବସ୍ତ୍ର ବୁଣୁଛନ୍ତି। ମହାପ୍ରଭୁଙ୍କ ଦର୍ଶନ ଲାଗି ମନ ବ୍ୟାକୁଳ ରହିଥିବା ବେଳେ ପାଟ ବସ୍ତ୍ର ବୁଣିବା ବେଳେ ପ୍ରତି ସମୟରେ ମହାପ୍ରଭୁଙ୍କୁ ଅନୁଭବ କରେ। ଦିବ୍ୟାଙ୍ଗ ହୋଇଥିବାରୁ ଚାଲିବାକୁ ଅକ୍ଷମ। ମହାପ୍ରଭୁଙ୍କ କରୁଣା ହେଲେ ଥରେ ଠାକୁରଙ୍କୁ ଦେଖିବାକୁ ଇଚ୍ଛା ବୋଲି କାର୍ତ୍ତିକ କହିଛନ୍ତି।

### ସେବାରେ ୭୫ବର୍ଷର ମହିଳା

ସ୍ୱର୍ଗତ ମଧୁସୂଦନ ଦାସଙ୍କ ସ୍ତ୍ରୀ ଆସେଲି। ବୟସ ୭୫ ଛୁଇଁଲାଣି। ଅଣ୍ଟା ନଇଁଗଲାଣି। ଆଖିକୁ ଠିକ୍ ଭାବେ ଦେଖାଯାଉନାହିଁ। ସ୍ୱାମୀଙ୍କ ଦେହାନ୍ତ ପରେ ପରିବାର ପୁଅ, ନାତି, ନାତୁଣୀଙ୍କ ସହ ମିଶି ମହାପ୍ରଭୁଙ୍କ ଏହି ସେବାରେ ଲାଗିଛନ୍ତି। ସକାଳ ୮ଟା ଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସୂତା ବୁଣିବାରେ ବ୍ୟସ୍ତ ରହିଥାନ୍ତି। ଗୋଟିଏ ଲକ୍ଷ୍ୟ ମହାପ୍ରଭୁଙ୍କ ଲାଗି ସେ ସୂତାଲୁଗା ବୁଣିବେ। ବୟସାଧିକ ଯୋଗୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଯାଇପାରୁନାହାନ୍ତି। ଦୀର୍ଘ ୨୮ବର୍ଷ ହେବ, ଗୋଟିଏ ଦିନ ବି ସେ ଏହି କାର୍ଯ୍ୟରୁ ବିରତି ନେଇ ନ ଥିବା ପୁଅ ଗୋପୀନାଥ କହିଛନ୍ତି।



ରଜ ଉତ୍ସବ ଉପଲକ୍ଷେ ପରିବେଶବିତ୍ ସୁଶାନ୍ତ ସାହୁଙ୍କ ଦ୍ୱାରା ପତ୍ର ଓ ଫୁଲରେ ପ୍ରସ୍ତୁତ ହୋଇଥିବା ରଜଦୋଳିର ଚିତ୍ର।

## ଖୋର୍ଦ୍ଧା ଉପଖଣ୍ଡରେ ୭୩୧ ସକ୍ରିୟ ସଂକ୍ରମିତ

ଖୋର୍ଦ୍ଧା ଅଫିସ,୧୩ା୬

ଖୋର୍ଦ୍ଧା ସବ୍‌ଡିଭିଜନରେ ରବିବାର ସୁଦ୍ଧା ୫୬୭୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୪୯୩୦ଜଣ ସୁସ୍ଥ ହୋଇଛନ୍ତି। ୯ଜଣଙ୍କ ମୃତ୍ୟୁ ଘଟିଛି। ୭୩୧ଜଣ ସକ୍ରିୟ ରହିଛନ୍ତି। ଅନ୍ୟପକ୍ଷେ ସୋମବାର ୧୫ କେନ୍ଦ୍ରରେ ନମୁନା ସଂଗ୍ରହ କରାଯିବ। ବେଗୁନିଆର ପରିଛଳ ପିଏଚସି, ବେଗୁନିଆ ଆଦର୍ଶ ବିଦ୍ୟାଳୟ, ବୋଲଗଡ଼ର ମାଣିକଗଡ ପ୍ରାଥମିକ ବିଦ୍ୟାଳୟ, ବଡ଼କୁମରୀ ରାଜୀବଗାନ୍ଧୀ ସେବା କେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ, ଖୋର୍ଦ୍ଧାର ବାଜପୁର ପିଏଚସି, ପୁରୁସାହି ଓ ବଙ୍ଗିଦା, ଟାଙ୍ଗୀ ସିଏଚସି, ବାଣପୁର ସିଏଚସି ଓ ଗୋପୀନାଥ ପ୍ରସାଦ ଗ୍ରାମ, ବାଲୁଗାଁ ଏନଏସି ଅଡିଟୋରିୟମ, ବଡକୁଳ ନୂଆଗାଁ ବିଦ୍ୟାଳୟ ଓ ଖାରୀବନ୍ଧ ପ୍ରାଥମିକ ସ୍କୁଲରେ ପରୀକ୍ଷା କରାଯିବ।

## ୧୦ କେନ୍ଦ୍ରରେ ନେବେ ହଜାରେ ଟିକା

ଖୋର୍ଦ୍ଧା ଅଫିସ,୧୩ା୬

ସୋମବାର ଖୋର୍ଦ୍ଧା ସବ୍‌ଡିଭିଜନ ଅନ୍ତର୍ଗତ ୧୦ଟି କେନ୍ଦ୍ରରେ ୪୫ ଓ ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ୧ ହଜାର ବ୍ୟକ୍ତିଙ୍କୁ ଟିକା ଦିଆଯିବ। ସେଥିରୁ ପିଏନ୍ କଲେଜରେ ୩୦୦, ବୋଲଗଡ଼ର ବାଙ୍କୋଇ ହାଇସ୍କୁଲ, ମାଣିକଗଡ଼ ପିଏଚସି ଏବଂ ପିଚୁକୁଳି ହାଇସ୍କୁଲରେ ୧୦୦ଲେଖାଏ ଟିକା ଦିଆଯିବ। ଟାଙ୍ଗୀ ସିଏଚସିରେ ୭୦, ଭୁଷଣ୍ଡପୁର ପିଏଚସିରେ ୧୦୦ ଏବଂ ନିରାକାରପୁର ପିଏଚସିରେ ୨୦ଜଣଙ୍କୁ ଟିକା ଦିଆଯିବ। ଚିଲିକାର ବାଲଗାଁ ହାଇସ୍କୁଲରେ ୭୦, ନଇରୀ ପିଏଚସିରେ ୮୦ ଏବଂ ଜରିପଡ଼ା ପିଏଚସିରେ୬୦ଜଣଙ୍କୁ ଟିକା ଦିଆଯିବ।

## ବରୁଣେଇ, ଉଗ୍ରତାରା ପୀଠରେ ୧୪୪ ଧାରା

ଖୋର୍ଦ୍ଧା ଅଫିସ,୧୩ା୬

### ବିନା ମଉଜରେ ରଜ

ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ବରୁଣେଇ ଓ ମା' ଉଗ୍ରତାରାଙ୍କ ପୀଠ। ରଜ ଉତ୍ସବ ବେଳେ ଏଠାରେ ପ୍ରବଳ ଜନ ସମାଗମ ହୋଇଥାଏ। ଚଳିତ ବର୍ଷ ମଧ୍ୟ କରୋନା ଏଥିରେ ବାଧକ ସାଜିଛି। ଜନଗହଳି, ଭିଡ଼କୁ ଏଡ଼ାଇବା ଲାଗି ଏଠାରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଭକ୍ତ, ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। କରୋନା ନିୟନ୍ତ୍ରଣ ଲାଗି ଖୋର୍ଦ୍ଧା ସବ୍‌ଡିଭିଜନ ଅନ୍ତର୍ଗତ ସମସ୍ତ ମନ୍ଦିର, ପୀଠ, ଧାର୍ମିକ ଅନୁଷ୍ଠାନରେ ଭକ୍ତଙ୍କ ପ୍ରବେଶ ଉପରେ ଉପଜିଲାପାଳ କଟକଣା ଜାରି କରିଛନ୍ତି। ଘରେ ରହି ପରିବାର ସହ ରଜ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ରଜରେ ବରୁଣେଇ ପୀଠରେ ଲୋକଙ୍କ ଗହଳି ଲାଗି ରହିଥାଏ। ତିନି ଦିନ ବ୍ୟାପୀ ରଜ ମହୋତ୍ସବ ଏବଂ ମେଳା ଆୟୋଜନ ହୋଇଥାଏ। କରୋନା ପାଇଁ ଏଥର ସବୁ ଫିକା ପଡିଛି। ବର୍ଷସାରା ଏଠାରେ ରହିଥିବା କୋଳାହଳ ବାତାବରଣ ସମ୍ପୂର୍ଣ୍ଣ ନୀରବି ଯାଇଛି। ଏହି ପୀଠରେ ତିନିଦିନ ଧରି ରଜମେଳା ଅନୁଷ୍ଠିତ ହୋଇଥାଏ। ମେଳାରେ ବିଭିନ୍ନ ପ୍ରକାରର ସାମଗ୍ରୀ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ମନୋହରି, ପିଲାଙ୍କ ମନୋରଞ୍ଜନ ଲାଗି ବିଭିନ୍ନ ପ୍ରକାରର ଦୋଳି ପଡ଼ିଥାଏ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୩ଦିନ ଧରି ରଜ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଦର୍ଶକ, ପର୍ଯ୍ୟଟକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରଜ ଦୋଳି, ରଜ ପାନ, ବିଭିନ୍ନ ପିଠାପଣାର ମଜା ନେଇଥାନ୍ତି। ତେବେ କରୋନା କଟକଣା ଯୋଗୁ ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ରଜ ଉତ୍ସବ ଫିକା ପଡିଛି। ସେହିପରି ମା' ଉଗ୍ରତାରାଙ୍କ ପୀଠରେ ଯୁବତୀମାନେ ମା'ଙ୍କ ଦର୍ଶନ ସହ ରଜର ମଜା ଉଠାଇଥାନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋଳି, ମିନବଜାର, ଘରକରଣା, ଖେଳଣା ପସରା ପଡିଥାଏ। ପ୍ରବଳ ଭିଡ ଜମିଥାଏ। ଉଗ୍ରତାରା ପୀଠରେ ୧୪୪ ଧାରା ଯୋଗୁ ରଜରେ ମା'ଙ୍କ ଦର୍ଶନ ଉପରେ ମଧ୍ୟ କଟକଣା ରହିଛି। ଫଳରେ ଭକ୍ତଙ୍କ ମହଲରେ ନିରାଶାଭାବ ଦେଖିବାକୁ ମିଳିଛି।

# ଟ୍ରେଞ୍ଚ ଖନନରେ ଅର୍ଥ ଆତ୍ମସାତ୍

ଖୋର୍ଦ୍ଧା ଅଫିସ,୧୩ା୬

- ସିସିଏଫ୍‌ଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ
- ଶ୍ରମିକଙ୍କ ପରିବର୍ତ୍ତେ ଜେସିବି ଖୋଳୁଛି
- ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଖୋର୍ଦ୍ଧା ଏବଂ ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ଚନ୍ଦକାରୁ ଖସି ଆସିଥିବା ହାତୀପଲ ଏହି ବନାଞ୍ଚଳ ଅନ୍ତର୍ଗତ ସହରତଳି ଗ୍ରାମରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ହାତୀ ହାବୁଡରେ ପଡି ବହୁ ଲୋକଙ୍କ ଜୀବନ ଗଲାଣି। ହାତୀ ଉପଦ୍ରବରୁ ରକ୍ଷା ପାଇବା ଲାଗି ବନ ବିଭାଗ ପକ୍ଷରୁ ବିଭିନ୍ନ ଜଙ୍ଗଲ ନିକଟବର୍ତ୍ତି ଗ୍ରାମାଞ୍ଚଳରେ ଟ୍ରେଞ୍ଚ ଖୋଳାଯାଉଛି। ଫଳରେ ହାତୀ ଏହାକୁ ଭେଦ କରି ଗ୍ରାମକୁ ପ୍ରବେଶ କରିପାରିବେ ନାହିଁ। ତେବେ ଏହି ଟ୍ରେଞ୍ଚ ଖୋଳିବାରେ ବ୍ୟାପକ ଅନିୟମିତତା ହୋଇଛି। ରବିବାର ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଗୟାବନ୍ଧ ପଞ୍ଚାୟତର ଓଳସିଂ ଗ୍ରାମ ନିକଟ ଜଙ୍ଗଲରେ ଟ୍ରେଞ୍ଚ ଖୋଳିବାରେ ବ୍ୟାପକ ଅନିୟମିତତା କରାଯାଇଥିବା ନେଇ ଚିଫ୍ କନ୍‌ଜରଭେଟର ଅଫ ଫରେଷ୍ଟ(ସିସିଏଫ)ଙ୍କ ନିକଟରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବନ ବିଭାଗ ପକ୍ଷରୁ ଖୋଳାଯାଇଥିବା ଟ୍ରେଞ୍ଚରେ ଅର୍ଥ ହରିଲୁଟ କରାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ)ରେ ଏହି କାର୍ଯ୍ୟ କରାଯାଇଥିବା ଦର୍ଶାଯାଇଛି। ମାତ୍ର ବିନା ଶ୍ରମିକରେ ମେଶିନ ସାହାଯ୍ୟରେ କାର୍ଯ୍ୟ କରାଯାଇଛି। କାମ ମଧ୍ୟ ନିମ୍ନମାନର କରାଯାଇଛି। ଟ୍ରେଞ୍ଚ ଖୋଳିବା ଲାଗି ରହିଥିବା ଗାଇଡଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ବର୍ଷାଦିନ ଆସିଲେ, ତାହା ପୋତି ହୋଇଯିବା ସମ୍ଭାବନା ରହିଛି। ଏନେଇ ସ୍ଥାନୀୟ ବନବିଭାଗ ଅଧିକାରୀଙ୍କୁ ଅବଗତ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଦଲାଲଙ୍କୁ ମାଧ୍ୟମ କରି କାମ କରି ଅର୍ଥ ତୋସରପାତ କରାଯାଇଛି। ଅନ୍ୟପଟେ ଗ୍ରାମବାସୀ ବନ କର୍ମଚାରୀଙ୍କ ବିରୋଧରେ ଆଉ ଏକ ଅଭିଯୋଗ ଆଣିଛନ୍ତି। ଗ୍ରାମରେ କେତେଜଣ ଗରିବ ଭୂମିହୀନଙ୍କୁ ଇଆରଆରପି ଯୋଜନାରେ ମିଳିଥିବା ଜାଗାକୁ କେତେଜଣ ଦଲାଲ ଜୋରଜବରଦସ୍ତ ଅକ୍ତିଆର କରି ସେଠାରେ ପଟାସ ଗଛ ଲଗାଇଛନ୍ତି। ସେହି ଗଛ ଚାରିପଟକୁ ସୁରକ୍ଷା ଦେବା ଲାଗି ବନ ବିଭାଗ ଟଙ୍କାରେ ଟ୍ରେଞ୍ଚ ଖୋଳାଯାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ଏଥିରେ ସମ୍ପୃକ୍ତ ବନ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ହାତୀ ସୁରକ୍ଷା, କାମ୍ପା ଯୋଜନା, ଚାରାରୋପଣ ଏପରି କି ବିଭିନ୍ନ ଯୋଜନାରେ ଖର୍ଚ୍ଚ ହେଉଥିବା ଅର୍ଥର ତଦନ୍ତ କରାଗଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି ଗ୍ରାମବାସୀ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଇକ୍‌ବାଲ


@ ଅମାନତ


@ ଅମିୟ


@ ଆୟୁଷ


@ ବିଟୁ


@ ସୌମିତ୍ର


@ ଜ୍ଞାନ

## ବିହନ ମିଳିବା ବିଳମ୍ବ ନେଇ ଅସନ୍ତୋଷ

କୃଷ୍ଣପ୍ରସାଦ,୧୩ା୬(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଅଲଣ୍ଡା ସେବା ସମବାୟ ସମିତିକୁ ଧାନ ବିହନ ଆସିଥିଲେ ମଧ୍ୟ ଚାଷୀମାନେ ପାଉ ନ ଥିବା ତିିଛିଣି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ଲିଙ୍ଗରାଜ ପଲେଇ, ଶରତ ଚନ୍ଦ୍ର ଜେନାଙ୍କ ସମେତ ବହୁ ଚାଷୀଙ୍କ କହିବା ଅନୁଯାୟୀ, ଉକ୍ତ ସେବା ସମବାୟ ସମିତିକୁ ଆସୁଥିବା ବିହନ ସମବାୟ ଅଧୀନ ଚାଷୀମାନଙ୍କୁ ଦିଆ ନ ଯାଇ ବ୍ଲକର ଅନ୍ୟ ସେବା ସମବାୟ ଅଞ୍ଚଳ ଚାଷୀଙ୍କୁ ଉଚ୍ଚା ଦରରେ ବିକ୍ରି କରାଯାଉଛି। ସମବାୟ ସମ୍ପାଦକ ବିହନ ଆଜିକାଲି ମିଳିବ କହି ଦିନ ଗଡ଼ାଇ ଚାଲିଛନ୍ତି। ଚାଷୀମାନେ ବିଧାୟକ, ଜିଲାପାଳ, କୃଷିମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଚାଷୀଙ୍କୁ ଠିକ୍ ସମୟରେ ବିହନ ନ ମିଳିଲେ ଲଙ୍ଗଳ ଧରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ସେବା ସମବାୟ ସମିତି ସମ୍ପାଦକ ଗଣେଶ୍ୱର ପଲେଇ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବିହନ ପର୍ଯ୍ୟାକ୍ରମେ ଆସୁଛି। ସେହି ଅନୁସାରେ ଚାଷୀଙ୍କୁ ଦିଆଯାଉଛି। ତିିଛିଣି ଗ୍ରାମରେ କେତେଜଣ ଚାଷୀଙ୍କୁ ମଧ୍ୟ ବିହନ ଦିଆଯାଇଛି। ଯେଉଁମାନେ ବିହନ ପାଇ ନାହାନ୍ତି ୨/୩ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।


'ଆପଣଙ୍କ ସେବାରେ' ଅନୁଷ୍ଠାନ ପକ୍ଷରୁ ରବିବାର ପୁରୀ ସହରରେ ମାଙ୍କଡ଼ଙ୍କୁ ଖାଇବାକୁ ଦିଆଯାଉଛି।